

Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com




# 'ଜୟ ଜଗନ୍ନାଥ' କହି ଭାଷଣ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

## ରାଜ୍ୟବାସୀଙ୍କୁ ଭେଟିଦେଲେ ୧୯ ହଜାର ୬ଶହ କୋଟିର ବିକାଶମୂଳକ ପ୍ରକଳ୍ପ




ଚଣ୍ଡିଖୋଲ, ୫/୩ (ନି/ପ୍ର) : ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ପରିପ୍ରେକ୍ଷୀରେ ସେ ରାଜ୍ୟବାସୀଙ୍କୁ ଭେଟିଦେଇଛନ୍ତି ୧୯ ହଜାର ୬ଶହ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ । ଏହା ସହ ଉକ୍ତ ଚଣ୍ଡିଖୋଲ ସଭାରେ ବର୍ତ୍ତମାନ ନିଜର ଅଭିଭାଷଣ ରଖିଛନ୍ତି । ପ୍ରଥମରୁ 'ଜୟ ଜଗନ୍ନାଥ' କହି ସେ ଅଭିଭାଷଣ ଆରମ୍ଭ କରିଥିବା ଦେଖିବାକୁ ମିଳିଛି ।ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ମନେ ପକାଇବା ସହିତ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ?ସେ କହିଥିଲେ ଯେ, ଓଡ଼ିଶାର ବିକାଶ ଓ ଦେଶର ବିକାଶରେ ବିଜୁବାବୁଙ୍କ ଯୋଗଦାନ ଅତୁଳନୀୟ ଥିଲା । ଆଜି ଦେଶରେ ଏଭଳି ସରକାର ଅଛି, ?ଯାହାକି ବର୍ତ୍ତମାନର ଚିନ୍ତା କରୁଛି ଏବଂ ବିକଶିତ ଭାରତର ସଂକଳ୍ପ ନେଇ ଭବିଷ୍ୟତ ପାଇଁ କାମ କରୁଛି । ଉର୍ଜା ଗଙ୍ଗା ପ୍ରକଳ୍ପ ଅଧୀନରେ ଉନ୍ନର ପ୍ରଦେଶ, ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ ଓଡ଼ିଶାରେ ବଡ଼ ବନପ୍ରକଳ୍ପ ଚାଲିଛି । ଆଜି ଲୋକାପିର୍ତ ହୋଇଥିବା ଗ୍ୟାସ ପାଇପଲାଇନ୍ ଦେଶପାଇଁ ସମପିର୍ତ ହେଇଛି । ପାରାଦୀପ ?ରିଫାଇନାରି ରେ ନୂଆ ପ୍ଲାଂଟ ଲୋକାର୍ପଣ ହୋଇଛି । ସୂଚନା ଥାଉକି, ଆଜି ପାରାଦୀପ ରିଫାଇନାରିରେ ଭାରତୀୟ ତୈଳ ନିଗମ ଲିମିଟେଡର ମନୋ ଏଥିଲିନ୍ ଗ୍ଲାଇକଲ୍ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି । ଏହା ସହ ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୩୪୪ କିଲୋମିଟର ଲମ୍ବ ଉତ୍ପାଦ ପାଇପଲାଇନ୍ ପ୍ରକଳ୍ପ ଏବଂ ପାରାଦୀପରେ ନିର୍ମିତ ୦.୬ ଗଗଞ୍ଚଟଇ ଏଲପିଜି ଆମଦାନୀ ସୁବିଧାର ମଧ୍ୟ ଉଦଘାଟନ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି । ଏଥିସହ ୧୬୨ କିଲୋମିଟରର ବାଂଶପାଣି-ଦୈତାରୀ-ଟମକା-ଯଖପୁରା ରେଳ ଲାଇନ୍ ଦୋହରୀକରଣକୁ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି । ଅନ୍ୟପଟେ ସେ ପୁରୀ- ନୂଆଦିଲ୍ଲୀ ମଧ୍ୟରେ ନୂଆ ଟ୍ରେନ୍ କେନ୍ଦୁଝରଗଡ଼ ଷ୍ଟେସନରୁ ଶୁଭାରମ୍ଭ କରିବା ସହ, କେନ୍ଦ୍ରାପଡା ଜିଲ୍ଲା ଦେଇ ପ୍ରଥମ ଯାତ୍ରୀ ବାହୀ ଟ୍ରେନର ଶୁଭାରମ୍ଭ କରିଛନ୍ତି । ତେବେ ଏସବୁ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସମୟରେ

# ୟୁପି ପୁଲିସ ପରୀକ୍ଷା ପେପର ଲିକ୍ ମାମଲା

## ପଦରୁ ହଟିଲେ ବୋର୍ଡ ଅଧ୍ୟକ୍ଷା

ଉନ୍ନରପ୍ରଦେଶରେ ୬୦ହଜାରରୁ ଅଧିକ କନଷ୍ଟେବଲ ପଦ ନିମନ୍ତେ ୪୮ ଲକ୍ଷ ଆଶାୟୀ ଆବେଦନ କରିଥିଲେ । ମାତ୍ର ପ୍ରଶ୍ନପତ୍ର ଲିକ୍ ହେବାରୁ ଏହି ପରୀକ୍ଷାକୁ ବାତିଲ କରାଯାଇଥିଲା । ଏହି ମାମଲାରେ ପୂର୍ବରୁ ବହୁ



ଉତରପ୍ରଦେଶ, ୫/୩: ପୁଲିସ ପରୀକ୍ଷାରେ ହୋଇଥିବା ପେପର ଲିକ୍ ମାମଲାରେ କଡା ପଦକ୍ଷେପ ନିଆଯାଇଛି । ୟୁପି ସରକାରଙ୍କ ପକ୍ଷରୁ ବୋର୍ଡ ଅଧ୍ୟକ୍ଷା ରେଣୁକା ମିଶ୍ରାଙ୍କୁ ପଦରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ରାଜୀବ କୃଷ୍ଣାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଲୋକଙ୍କଚ ଗିରଫ କରାଯାଇଛି । ସୂଚନାଯୋଗ୍ୟ ୧୭ ଏବଂ ୧୮ରେ ଉନ୍ନରପ୍ରଦେଶ କନଷ୍ଟେବଳ ପଦବୀ ପାଇଁ ପରୀକ୍ଷା ହୋଇଥିଲା ।





DADLS-796 OIPR-15001/13/0667/2324




DADLS-795 OIPR-15001/13/0666/2324




DADLS-794 OIPR-15001/13/0665/2324



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
Email: utkalsamachar@gmail.com, Mob: 9437086122

# ରାଜ୍ୟରେ ଲଜିଷ୍ଟିକ୍ସ କ୍ଷେତ୍ରରେ ବଢୁଥିବା ଦକ୍ଷତାର ଆବଶ୍ୟକତାକୁ ପୂରଣ କରିବ – ଧର୍ମେନ୍ଦ୍ର ପ୍ରଧାନ





ଅନୁଗୋଳ,୫/୩ (ନି/ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲାର ନାଲକୋ ନଗରରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁରର ମିଳିତ ସହଯୋଗରେ ପରିଚାଳିତ ହେବାକୁ ଥିବା ମ୍ୟାନେଜମେଂଟ୍ ଶିକ୍ଷା କେନ୍ଦ୍ର (ସେଂଟର ଅଫ୍ ମ୍ୟାନେଜମେଂଟ ଏଜ୍ୟୁକେସନ- ସିଏମଇ)ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅନୁଗୋଳ ଏକ ଶିଳ୍ପ ସମୃଦ୍ଧ ଅଂଚଳ । କୋଇଲା ଉତ୍ପାଦନ କରିବାରେ ଏହି ଅଂଚଳ ଅନ୍ୟତମ । ମୋଦି ସରକାରରେ ଅନୁଗୋଳ ସମେତ ଢେଙ୍କାନାଳ ଜିଲ୍ଲାରେ ରେଳ, ସଡକପଥ ସମେତ ବିଭିନ୍ନ ଭିତ୍ତିଭୂମିର ବିକାଶ ହେଉଛି । ସେ ଦିଗରେ ପିଏମ୍ ଗତି ଶକ୍ତି କାର୍ଯ୍ୟକ୍ରମ ସହ ମ୍ୟାନେଜମେଂଟ୍ ଶିକ୍ଷା କେନ୍ଦ୍ର ଏଠାରେ ଯୋଡିହୋଇଛି । ଡିଜିଟାଇଜେସନ୍ ମାଧ୍ୟମରେ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉପରେ ଏଠାରେ ଧ୍ୟାନ ଦିଆଯାଇଛି । ଏହି ଅଂଚଳର ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ନିର୍ଦ୍ଦିଷ୍ଟ ଦକ୍ଷତା ବୃଦ୍ଧି ଦ୍ୱାରା ହିଁ ଲଜିଷ୍ଟିକ୍ସ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକୀୟ ବିକାଶ ହୋଇପାରିବ । ନାଲକୋ କ୍ୟାମ୍ପସରେ ଏହାର ଅବସ୍ଥିତି ଥିବା ମ୍ୟାନେଜମେଂଟ କେନ୍ଦ୍ର ରାଜ୍ୟରେ ଲଜିଷ୍ଟିକ୍ସ କ୍ଷେତ୍ରରେ ଦକ୍ଷତାର ବଢୁଥିବା ଆବଶ୍ୟକତାକୁ ପୂରଣ କରିବ । ତେବେ କେବଳ ଅନୁଗୋଳ କିମ୍ବା ଢେଙ୍କାନାଳ ନୁହେଁ ବରଂ ଓଡ଼ିଶାରେ ଶିଳ୍ପ ସହ ଜଡିତ କର୍ମଚାରୀଙ୍କ ପ୍ରତି ଏହି ସେଂଟର ସମର୍ପିତ ରହିବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପ୍ରାରମ୍ଭରେ ଏହି ମ୍ୟାନେଜମେଂଟ କେନ୍ଦ୍ର ଡିଜିଟାଇଜେସନ ମାଧ୍ୟମରେ ଲଜିଷ୍ଟିକ୍ସ ଏବଂ ଅପରେସନ୍ ଉପରେ ତିନି ମାସ, ଛଅ ମାସ ଏବଂ ବର୍ଷକିଆ କାର୍ଯ୍ୟନିର୍ବାହୀ ସ୍ନାତକୋତ୍ତର କାର୍ଯ୍ୟକ୍ରମ (ପିଜିପିଏକ୍ସ) ପ୍ରଦାନ କରିବ । ଏହି ପାଠ୍ୟକ୍ରମର ବିଷୟବସ୍ତୁକୁ ଶିଳ୍ପସଂସ୍ଥା ସହିତ ବିଚାରବିମର୍ଷ କରି ଆଇଆଇଏମ୍ ଦ୍ୱାରା ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଏହି କେନ୍ଦ୍ର ବିଭିନ୍ନ ସମୟରେ ଆବଶ୍ୟକତାକୁ ଧ୍ୟାନରେ ରଖି ମ୍ୟାନେଜମେଂଟ ଉପରେ ନୂତନ ପାଠ୍ୟକ୍ରମ ପ୍ରଦାନ କରିବ । ବର୍ତ୍ତମାନ ସମୟରେ ଏମସିଏଲ ଏବଂ ନାଲକୋ ସ୍ଥାନୀୟ ଅଂଚଳରେ କାର୍ଯ୍ୟ କରୁଥିବା ଦୁଇଟି ଅଗ୍ରଣୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ । ଏହି ପାଠ୍ୟକ୍ରମ ପାଇଁ ପ୍ରତି ବ୍ୟାଚରେ ୪୦ ଜଣ କାର୍ଯ୍ୟନିର୍ବାହୀଙ୍କୁ ମନୋନୀତ କରି ଏମସିଏଲ୍ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ସେହିପରି ନାଲକୋ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ୧୫ ଜଣ କାର୍ଯ୍ୟନିର୍ବାହୀଙ୍କୁ ମନୋନୀତ କରିବା ସହ ସ୍ୱଳ୍ପ ମୂଲ୍ୟରେ ଶ୍ରେଣୀଗୃହ, କାର୍ଯ୍ୟାଳୟ ଓ ରହିବାର ବ୍ୟବସ୍ଥା କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦୁଇଟି ଅଗ୍ରଣୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆମର କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଶିଳ୍ପ ଗତିଶୀଳତାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଟେକ୍ନୋଲୋଜି ମାଧ୍ୟମରେ ସମାଧାନ କରିବା ଦିଗରେ ଦୁଇଟି ଆଇଆଇଏମ୍ ସହ ସହଯୋଗୀ ହୋଇଛନ୍ତି । ଲଜିଷ୍ଟିକ୍ସ କ୍ଷେତ୍ରକୁ ଦକ୍ଷ, ପ୍ରଯୁକ୍ତି ଭିତ୍ତିକ ଏବଂ ନିର୍ଭରଯୋଗ୍ୟ କରିବା ପାଇଁ ପ୍ରମୁଖ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ ଅନୁଷ୍ଠାନ ଗୁଡ଼ିକ ଭାଗିଦାରୀ କରିଛନ୍ତି । ଏହା ଆମ ଦେଶର ଅର୍ଥନୀତିର ଅର୍ଥନୈତିକ ବିକାଶ ପାଇଁ ଶୁଭ ସଙ୍କେତ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷ ସୁଦ୍ଧା ଦେଶକୁ ବିକଶିତ କରିବାର ଲକ୍ଷ୍ୟ ନେଇ ସବୁ ଦିଗକୁ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଖଣି ନୀତିରେ ସଂସ୍କାର ଓ ପାରଦର୍ଶିତା କାରଣରୁ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ବହୁତ ଲାଭ ପାଉଛି । ଏଠାରେ ପଇସାର ଅଭାବ ନାହିଁ ମାତ୍ର ଯୋଜନାର ଅଭାବ ଅଛି । ଏଠାରେ ଠିକା ଶ୍ରମିକଙ୍କ ଦକ୍ଷତା ବଢାଇବା ପାଇଁ ପଡିବ । ଆଜିର ପଦକ୍ଷେପ ଉଭୟ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ, ବରଗଡ଼, ଝାରସୁଗୁଡା, କଟକ ସମେତ ବିଭିନ୍ନ ଜିଲ୍ଲାରେ ଲଜିଷ୍ଟିକ୍ କ୍ଷେତ୍ରର ବିକାଶ ପାଇଁ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପିର ମହାମିଶ୍ରଣ ପର୍ବ: ପଦ୍ମ ଧରିଲେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର

ଢେଙ୍କାନାଳ,୫/୩ (ନି/ପ୍ର): କିଛିଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ଆଜି ବିଜେପିରେ ଯୋଗଦେଇଛନ୍ତି । ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ମହାମିଶ୍ରଣ ପର୍ବରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତରେ ସେ ଏବଂ ଆହୁରି କେତେଜଣ ନେତା ବିଜେପିରେ ସାମିଲ୍ ହୋଇଛନ୍ତି । ଏହି ମିଶ୍ରଣପର୍ବ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ମିଶ୍ରଣ ପର୍ବ ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ କଲ୍ୟାଣକାରୀ ପଦକ୍ଷେପର ଏକ ଝଲକ । ମୋଦୀ



ଗ୍ୟାରେଂଟିରେ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ସୁରେଶ ପାଣିଗ୍ରାହୀ, ସରୋଜ ପଟ୍ଟନାୟକ, କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ସମେତ ପର୍ଜଙ୍ଗ ଓ ସ୍ଥାନୀୟ ନିର୍ବାଚନମଣ୍ଡଳୀର କଂଗ୍ରେସ ଓ ବିଜେଡି ଶତାଧିକ କର୍ମୀ, ବ୍ୟକ୍ତି ବିଶେଷ ଓ ସମାଜସେବୀ ଦଳରେ ଯୋଗ ଦେଇଥିଲେ । ମିଶ୍ରଣ ପର୍ବରେ ପ୍ରାକ୍ତନ ସାଂସଦ ରୁଦ୍ରନାରାୟଣ ପାଣି, ରାଜ୍ୟ ଉପସଭାପତି ତଥା ଲୋକସଭା ପ୍ରଭାରୀ ଗୋଲକ ପ୍ରସାଦ ମହାପାତ୍ର, ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ଢେଙ୍କାନାଳ ନଗରପାଳ ଜୟନ୍ତୀ ପାତ୍ର, ଲୋକସଭା ସଂଯୋଜକ ପ୍ରେମାନନ୍ଦ ଜେନା, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନିରୋଜ ନଳିନୀ ମହାଳିକ, ସୁନିଲ୍ ଶର୍ମା, ନବ କିଶୋର ଗୁରୁ, ରାସ ବିହାରୀ ବେହେରା, ରତିକାନ୍ତ ସାହୁ, ଦେବଦତ୍ତ ପଟ୍ଟନାୟକ, ସନାତନ ବେହେରା, ବିଷ୍ଣୁ ପ୍ରସାଦ ଲେଙ୍କା, ଦୀପକ ଗୋଛାୟତ, ସତ୍ୟ ରଞ୍ଜନ ଭୂୟାଁ, ଅଞ୍ଜନ ପାଣି ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଅଢ଼େଇ ଦଶନ୍ଧିର ସ୍ୱପ୍ନ ସାକାର : କେନ୍ଦ୍ରାପଡ଼ାରୁ ଗଡ଼ିବ ଯାତ୍ରୀବାହୀ ଟ୍ରେନ୍

କେନ୍ଦ୍ରାପଡ଼ା,୫/୩ (ନି/ପ୍ର): ଦୀର୍ଘ ଅଢ଼େଇ ଦଶନ୍ଧିର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି । ନିଜ ଜିଲ୍ଲାରୁ କେନ୍ଦ୍ରପଡ଼ାବାସୀ ରେଳରେ ବସି ଅନ୍ୟ ସ୍ଥାନକୁ ଯାତ୍ରା କରିବାର ସୁଯୋଗ ପାଇବାକୁ ଯାଉଛନ୍ତି । ହାତରେ ଆଉ ଗୋଟିଏ ଦିନ ବାକି ଅଛି । ରାତି ପାହିଲେ ପ୍ରଧାନମନ୍ତ୍ରୀ ବହୁ ପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳ ଲାଇନ୍‌ରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବାକୁ ଯାଉଛନ୍ତି । ଆଜି ଏ ସମ୍ବନ୍ଧରେ ରେଳବାଇ ଖୋର୍ଦ୍ଧା ଡିଆରଏମ୍ ଏଚ୍.ଏସ୍ ବାଜ୍ୱା ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ଡିଆରଏମ୍‌ଙ୍କ ଉପସ୍ଥିତିରେ ମଧ ଆଜି ପରୀକ୍ଷାମୂଳକ ଭାବେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିଛି । ଦୀର୍ଘବର୍ଷର ଦାବି ପୂରଣ ହେବାକୁ ଯାଉଥିବାରୁ ଜିଲ୍ଲାବାସୀଙ୍କ ମଧରେ ଏହାକୁ ନେଇ ଆନନ୍ଦ ଖେଳି ଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୫ତାରିଖରେ ଚଣ୍ଡୀଖୋଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ ସମେତ ତୁଳସୀକ୍ଷେତ୍ରକୁ ଯାତ୍ରୀବାହୀ ରେଳ ଚଳାଚଳ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି । ଆଜି ଖୋର୍ଦ୍ଧା ଡିଆରଏମ୍ ସମେତ ଏକ ସ୍ୱତନ୍ତ୍ର ରେଳବାଇ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରିବା ସହିତ ପରୀକ୍ଷାମୂଳକ ଭାବେ ଖାଲି ବଗି ଥିବା ରେଳ ଚଳାଇଛନ୍ତି । ଡିଆରଏମ୍ ଶ୍ରୀ ବାଜ୍ୱା କହିଛନ୍ତି ଯେ ରେଳ ଶୁଭାରମ୍ଭ ପୂର୍ବରୁ ସୁରକ୍ଷା ସମ୍ବନ୍ଧିତ ବ୍ୟବସ୍ଥା ଅନୁଧ୍ୟାନ କରିବାର ନିୟମ ରହିଛି । ଆଜି ଓ ଆସନ୍ତାକାଲି ଅନୁଧ୍ୟାନ କରାଯିବ । ପାରାଦୀପରୁ କେନ୍ଦୁଝର ଯାଏ ମେମୁ ଟ୍ରେନ୍ ଚାଲିବାର ଯୋଜନା ରହିଛି । ପାରାଦୀପରୁ ହିଁ ଏହି ଟ୍ରେନ୍ ଚାଲିବ । ଶୁଭାରମ୍ଭ ପରେ ଜନସାଧାରଣଙ୍କୁ ରେଳ ଚାଲିବାର ସମୟ ସାରଣୀ ସମ୍ବନ୍ଧରେ ଜଣାଇ ଦିଆଯିବ । ଉଲ୍ଲେଖଥାଉକି, ୮୨କିଲୋମିଟର ଦୀର୍ଘବିଶିଷ୍ଟ ଏହି



ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ଶିଳାନ୍ୟାସରୁ କାର୍ଯ୍ୟକ୍ଷମ ହେବାକୁ ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ଲାଗି ଯାଇଥିଲା । ୨୦୨୦ ସେପଟେମ୍ବର ୨୩ତାରିଖରେ ମାଲ୍‌ବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା । କିନ୍ତୁ ଯାତ୍ରୀବାହୀ ଟ୍ରେନ୍ ନ ଚାଲିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ନେଇ ଖୁବ୍ ରାଜନୀତି ମଧ ତେଜିଲା । ଶାସକ ବିଜେଡି-ବିଜେପି ପରସ୍ପରକୁ ଦୋଷ ଦେଲେ । ବିଜେଡି, କଂଗ୍ରେସ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ରେଳରୋକ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିଥିଲେ । ସେପଟେ ରେଳବାଇ ପକ୍ଷରୁ ୯ଟି ଷ୍ଟେସନ୍ ନିର୍ମାଣ ସହିତ ଯାତ୍ରୀଙ୍କ ସୁବିଧା ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ପ୍ରାୟ ଦେଢ଼ବର୍ଷ ତଳୁ ସାରି ଦିଆଯାଇଥିଲା । ରେଳବାଇ ନିରାପତ୍ତା କମିସନ୍ ମଧ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ସବୁଜ ସଙ୍କେତ ଦେଇ ସାରିଥିଲେ । ମାତ୍ର ବିଭିନ୍ନ ଆଳ ଦେଖାଇ ରେଳବାଇ କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଥିଲେ ।

# ବନ୍ଦ ହେଇଗଲା ୨୦୦ ସ୍କୁଲ : କମୁଛି ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା

ଅନୁଗୁଳ,୫/୩ (ନି/ପ୍ର): ସରକାରୀ ସ୍କୁଲରେ ପଢ଼ିବାକୁ ପିଲା ଆଗ୍ରହ ଦେଖାଉନାହାନ୍ତି । ଏପଟେ ଗ୍ରାମାଂଚଳରେ ବି ଆଗଭଳି ପିଲାଙ୍କ ଉପସ୍ଥାନ ନାହିଁ । ତେଣୁ ସହରାଂଚଳରେ ଗୋଟିଏ ପରେ ଗୋଟିଏ ସରକାରୀ ସ୍କୁଲ ବନ୍ଦ ହୋଇଗଲାଣି । ଏମିତି ଗତ ୧୩ ବର୍ଷ ଭିତରେ ଅନୁଗୁଳ ଜିଲ୍ଲାରେ ୨ଶହରୁ ଅଧିକ ବିଦ୍ୟାଳୟ ବନ୍ଦ ହୋଇଛି । ବନ୍ଦ ହୋଇଥିବା ବିଦ୍ୟାଳୟ ତାଲିକାରେ କେବଳ ପ୍ରାଥମିକ ବିଦ୍ୟାଳୟ ରହିଥିଲାବେଳେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସଂଖ୍ୟା ବଢ଼ିଛି । ସରକାରୀ ତଥ୍ୟ ଅନୁସାରେ ୨୦୧୦ ବେଳକୁ ଅନୁଗୁଳ ଜିଲ୍ଲାରେ ୯୮୬ଟି ପ୍ରାଥମିକ ବିଦ୍ୟାଳୟ ରହିଥିଲା । ଜିଲ୍ଲାର ପ୍ରାୟ ପ୍ରତି ଗାଁରେ ଏହି ବିଦ୍ୟାଳୟ ରହିଥିଲାବେଳେ ପିଲାମାନେ ସୁବିଧାରେ ପାଠ ପଢ଼ି ପାରୁଥିଲେ । ଏପରିକି ପଡ଼ା ଗାଁରେ ବି ବିଦ୍ୟାଳୟ ରହିଥିଲା । କିନ୍ତୁ ବିଦ୍ୟାଳୟ ମିଶ୍ରଣ ଯୋଜନା ପରେ ଏହି ବିଦ୍ୟାଳୟ ସଂଖ୍ୟା କମିଯାଇଛି । ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ରହୁଛନ୍ତି ତା'କୁ ସରକାର ପାଖ ବିଦ୍ୟାଳୟରେ ମିଶାଇ ଦେଉଛନ୍ତି । ଅଯଥାରେ ବିଦ୍ୟାଳୟ ନ ବଢ଼ାଇ ବଡ଼ ବିଦ୍ୟାଳୟରେ ଭିତ୍ତିଭୂମିକୁ ମଜଭୁତ କରାଯାଉଛି । ଏହି କ୍ରମରେ ଛୋଟ ଗାଁ ଓ ପଡ଼ାରେ ରହିଥିବା ଗୋଟିଏ ପରେ ଗୋଟିଏ ବିଦ୍ୟାଳୟ ବନ୍ଦ ହେବାରେ



ଲାଗିଛି । ସହରାଂଚଳରେ ମଧ ରହିଥିବା ପାଖାପାଖି ବିଦ୍ୟାଳୟରେ ତାଲା ପଡୁଛି । ଏମିତି ଭାବେ ଅନୁଗୁଳ ଜିଲ୍ଲାରେ ଏ ଭିତରେ ୨ଶହରୁ ଅଧିକ ବିଦ୍ୟାଳୟ ବନ୍ଦ ହୋଇଗଲାଣି । ଆଉ ଜିଲ୍ଲାରେ ଏବେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୭୬୫ରେ ଆସି ପହଂଚିଛି । ଗୋଟିଏ ପଟେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା କମୁଥିଲାବେଳେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଅଧିକ ଖୋଲୁଛି । ୨୦୧୦ ପରେ ଅନୁଗୁଳ ଜିଲ୍ଲାରେ ୮୫ଟି ନୂଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲିଛି । ଏବେ ୬୫୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ସେହିପରି ଏ ଭିତରେ ୬ଟି ନୂଆ ମାଧ୍ୟମିକ ବିଦ୍ୟାଳୟ ଖୋଲା ହୋଇଛି । ୨୦୧୦ ବେଳକୁ ଜିଲ୍ଲାରେ ୨୬୩ଟି ମାଧ୍ୟମିକ ବିଦ୍ୟାଳୟ ରହିଥିଲାବେଳେ ଏବେ ଏହି ସଂଖ୍ୟା ୨୬୯ରେ ପହଂଚିଛି । ଆଉ ସବୁଠାରୁ ବଡ଼ କଥା ହେଲା ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଆଗରୁ ୫୬ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପିଲାମାନେ ପଢୁଥିଲାବେଳେ ଏବେ ୭୬ଟି ବିଦ୍ୟାଳୟରେ ପାଠପଢ଼ା ଚାଲିଛି । ଅବଶ୍ୟ ପାଠପଢ଼ା ହେଉଥିବା ସବୁ ବିଦ୍ୟାଳୟ ସରକାରୀ କିମ୍ବା ଅନୁଦାନପ୍ରାପ୍ତ ନୁହେଁ । କେବଳ ସରକାରୀ ବିଦ୍ୟାଳୟକୁ ହିସାବକୁ ନେଲେ ଏହି ସଂଖ୍ୟା ଆହୁରି ତଳକୁ ଖସିଯିବ । ସହରାଂଚଳରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ପ୍ରତି ଆଗ୍ରହ କମୁଥିଲାବେଳେ ଗାଁ ଗଣ୍ଡାରେ ବି ଏବେ ଘରୋଇ ବିଦ୍ୟାଳୟ ଛତୁ ଫୁଟିବା ପରି ଖୋଲୁଛି । ତେଣୁ ଆଗାମୀ ଦିନରେ ଆଉ କିଛି ବନ୍ଦ ହେବାର ଆଶଙ୍କା ବି ଦେଖାଦେଲାଣି । ଏବେ ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟରେ ୬୩,୨୦୦ ଜଣ ଛାତ୍ରଛାତ୍ରୀ ପଢୁଥିଲାବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୮ ହଜାର ଛାତ୍ରଛାତ୍ରୀ ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ କମୁଥିବାରୁ ଏହା ସରକାରୀ ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ସନ୍ଦେହ ସୃଷ୍ଟି କରିଛି ।

# ନିର୍ବାଚନ ଲଢ଼ିବେ ପୂର୍ବତନ ଆୟକର କମିସନର:

ନୂଆପଡ଼ା,୫/୩ (ନି/ପ୍ର): ଏଥରକ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଶ୍ରୀକାନ୍ତ ଚାଟାର୍ଜୀ । ସେ ହେଉଛନ୍ତି ପୂର୍ବତନ ଆୟକର କମିସନର । ତେବେ, ଗତ ପୌର ନିର୍ବାଚନ ସମୟରେ ସେ ରାଜନୀତିରେ ପାଦ ଥାପିସାରିଛନ୍ତି । ଶ୍ରୀ ଚାଟାର୍ଜୀ ଗତ ପୌର ନିର୍ବାଚନରେ ଖଡ଼ିଆଳ ଏନ୍ଏସିର ଅଧ୍ୟକ୍ଷ ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେ ବିଜେଡିକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଚଳିତଥର ସେ ଖଡ଼ିଆଳ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ପ୍ରସ୍ତୁତ ହେଉଛନ୍ତି । ଗତକାଲି ଖଡ଼ିଆଳ ଅଗ୍ରସେନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ସେ ସ୍ୱାଧୀନ ଭାବେ ଲଢ଼ିବେ । ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ନିର୍ବାଚନ ଇତିହାସରେ ଏକ ରେକର୍ଡ ସୃଷ୍ଟି କରିବ । କାରଣ ସେ ଭୋଟରଙ୍କୁ ଭୁଲାଇବା ପାଇଁ ଟଙ୍କାଟିଏ ମଧ ଖର୍ଚ୍ଚ କରିବେନି । ଶ୍ରୀ ଚାଟାର୍ଜୀଙ୍କ ଏହି ଘୋଷଣା ରାଜନୀତି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।



# ଅନୁଗୁଳ ଜିଲ୍ଲାର ସବୁ ଆସନରେ ଦ୍ୱନ୍ଦ୍ୱ : ନେତାଙ୍କ ଛାତି ଧଡ଼ପଡ଼



ଅନୁଗୁଳ,୫/୩ (ନି/ପ୍ର): ଆଠମଲ୍ଲିକରେ ବିଜେଡିର ବିଧାୟକ ପ୍ରାର୍ଥୀ ବଦଳିବା ଥୟ । ଅନୁଗୁଳ ଜିଲ୍ଲାର ଅନ୍ୟ ୪ଟି ବିଧାନସଭା କ୍ଷେତ୍ରରେ ଦଳ ପୁଣି ପୁରୁଣା ନେତାଙ୍କୁ ଭରସା କରିପାରେ । ଗୋଟିଏ ଧାଡ଼ିରେ କହିଲେ, ନେତାଙ୍କଠାରୁ ଆରମ୍ଭ କରି କର୍ମକର୍ତ୍ତା ପର୍ଯ୍ୟନ୍ତ ସବୁ ଆସନରେ ସମସ୍ତେ ଟିକେଟ୍ ପାଇଁ ଦ୍ୱନ୍ଦ୍ୱରେ । କେବଳ ବିଜେଡିରେ ଯେ, ଏମିତି ଗୋଳିଆ ସ୍ଥିତି ତାହା ନୁହେଁ । ଦୁଇ ପ୍ରମୁଖ ବିରୋଧୀ ବିଜେପି ଓ କଂଗ୍ରେସ ଦଳରେ ବି ମୋଟାମୋଟି ସେହିପ୍ରକାର ସ୍ଥିତି । କାହା ଟିକେଟ ରହିବ, କାହାର କଟିବ ତାକୁ ନେଇ କେହି ନିଶ୍ଚିତ ହୋଇପାରୁନାହାନ୍ତି । ଅନୁଗୁଳ ଜିଲ୍ଲାର ୫ଟି ଯାକ ବିଧାନସଭା ଆସନ ଏବେ ବିଜେଡି ହାତରେ । ଏଥିରୁ ଆଠମଲ୍ଲିକ ବିଧାୟକ ରମେଶ ସାଏଙ୍କୁ ଦଳ ଏକପ୍ରକାର କୋଣଠେସା କରି ଦେଇଛି । ତାଙ୍କ ବଦଳରେ ନଳିନୀକାନ୍ତ ପ୍ରଧାନଙ୍କୁ ଦଳ ସେଠାରେ ପ୍ରାର୍ଥୀ କରିବା ସମ୍ଭାବନା ଉଜ୍ଜ୍ୱଳ । ବାକି ୪ଟି ଯାକ ଆସନରେ ବିଧାୟକଙ୍କ ହାତରେ ବିଜେଡି ସଂଗଠନ ରହିଛି । ଦଳୀୟ କାର୍ଯ୍ୟକ୍ରମ ହେଉ କି ସରକାରୀ; ସବୁଠି ବିଧାୟକଙ୍କ ଗୁରୁତ୍ୱ ରହୁଛି । ତେଣୁ ଅନୁଗୁଳ, ତାଳଚେର, ପାଲଲହଡ଼ା ଓ ଛେଣ୍ଡିପଦା ଆସନରେ ବିଧାୟକଙ୍କୁ ପୁଣି ଥରେ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ହେଲେ ଅଡୁଆ କରିଛି ନୂଆ ନେତାଙ୍କ ମିଶ୍ରଣ ଓ ମହିଳା କାର୍ଡ । ନିତି ନୂଆ ନୂଆ ନେତା ବାହାରୁ ଆସି ବିଜେଡିରେ ମିଶୁଥିବାରୁ କେତେବେଳେ ବି ସମୀକରଣ ବଦଳିପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ମତ ରଖୁଛନ୍ତି । ଏପଟେ ବିଜେଡି ଏଥର ମହିଳା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବ ବୋଲି ଦଳ ଭିତରୁ ଶୁଣାଗଲାଣି । ଏଣୁ ଜିଲ୍ଲାର ନିର୍ଦ୍ଦିଷ୍ଟ କେଉଁ ଆସନଟି ମହିଳାଙ୍କ ହାତକୁ ଯିବ, ସେ ନେଇ ଏଯାଏଁ କେହି ଅନୁମାନ ଲଗାଇପାରୁନାହାନ୍ତି । ସ୍ୱାଭାବିକ ଭାବେ ବିଧାୟକମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାନ୍ଧରେ ଅନୁଗୁଳ ବିଜେପି ସଂଗଠନ ଥିବାରୁ ଦଳୀୟ ଟିକେଟ ମିଳିବାରେ ତାଙ୍କ ନିଷ୍ପତ୍ତିହିଁ ଚୂଡ଼ାନ୍ତ ବୋଲି କୁହାଯାଉଛି ।

# ଦୁର୍ଗମ ଗାଁ ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

ହରଭଙ୍ଗା,୫/୩ (ନି/ପ୍ର): ବୌଦ୍ଧ ଜିଲ୍ଲାପାଳ ଜେ. ସୋନାଲ ସୋମବାର ଅପରାହ୍ଣରେ ହରଭଙ୍ଗା ବ୍ଲକ୍‌ର ଉପାନ୍ତ ତଳଗାଁ ପଂଚାୟତ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ତଳଗାଁ ପଂଚାୟତର ଗୋଡିବିଡ଼ା, ବିରୁଡ଼ି ଏବଂ ରାଣୀସାହି ଭଳି ତିନୋଟି ଦୁର୍ଗମ ଗାଁରେ ପହଂଚି ଲୋକଙ୍କ ସମସ୍ୟା ଶୁଣିଥିଲେ ।



ବିରୁଡ଼ି ଗ୍ରାମରେ ବିଦ୍ୟୁତ୍ ସଂଯୋଗ ସରିଥିଲେ ସୁଦ୍ଧା ଆଲୁଅ ଜଳୁନଥିବା ଲୋକଙ୍କ ନିକଟରୁ ଜାଣିବାକୁ ପାଇଥିଲେ । ସେହିପରି ବିରୁଡ଼ିରୁ ରାଣୀଗଞ୍ଜ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଥିବା ମଧ ଜାଣିବାକୁ ପାଇଥିଲେ । ଦୀର୍ଘ ୧୦ କିମି ରାସ୍ତା ନିର୍ମାଣ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗମନାଗମନ, ପାନୀୟଜଳ, ଚିକିତ୍ସା ସେବା, ଆବାସ ଯୋଜନା, ଚାଉଳ ଆଦି ସମସ୍ୟା ଶୁଣିବା ପରେ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଡିଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ବ୍ଲକ୍ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ବାବୁଲା ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ଅବିନାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବିବିଧା



## 'ଯୋଦ୍ଧା'ରେ ରାଶିଙ୍କ ଲିଡ୍‌ରୋଲ



## ସାଉଥ ଫିଲ୍ମରେ ୧ ମିନିଟ୍ ପାଇଁ ୪କୋଟି ନିଅନ୍ତି

## ବାପା ହେବେ ବରୁଣ



## ହାନିକାରକ ପ୍ୟାକେଟ୍ ଅଟା





ANUPAM PATNAIK'S

ତ୍ରିକନ୍ୟା

## ୮ ରେ ରିଲିଜ୍ ହେବ 'ତ୍ରିକନ୍ୟା'

## ଟ୍ରିମେନ୍ସାଇଟ୍ କମିଯାଉଥିଲେ



ଉତ୍କଳ ସମାଚାର

## ସମ୍ପାଦକୀୟ...

### ବୁଧବାର ୬ ମାର୍ଚ୍ଚ ୨୦୨୪

## ସ୍ୱପ୍ନାବିଷ୍ଟ ଭାରତୀୟ

ତେବେ, ଏହି ସଦ୍ୟତମ 'ଖାଉଟି ଖର୍ଚ୍ଚ' ରିପୋର୍ଟରୁ ପ୍ରାପ୍ତ ଏକ ବିଚଳିତକାରୀ ସୂଚନା ହେଲା ଦେଶର ଉଭୟ ଗ୍ରାମ ଓ ସହରରେ ୫% ସର୍ବାଧିକ ଦରିଦ୍ର ଏବଂ ୫% ସର୍ବାଧିକ ବିନ୍ତଶାଳୀଙ୍କ ମଧ୍ୟରେ ରହିଥିବା ଖର୍ଚ୍ଚ ସାମର୍ଥ୍ୟରେ ପାର୍ଥକ୍ୟ; ଯାହା ଗ୍ରାମାଂଚଳରେ ଦୈନିକ ହାରାହାରି ୪୬ ଟଙ୍କା ବନାମ ୩୫୦ ଟଙ୍କା ହୋଇଥିବା ବେଳେ ସହରାଂଚଳରେ ୬୭ ବନାମ ୭୦୦ ଟଙ୍କା। ଏହି ପାର୍ଥକ୍ୟ ଅଗତ୍ୟା ଅନତିକ୍ରମ୍ୟ ଭଳି ଲାଗିଥାଏ। ମାତ୍ର, ବର୍ନ୍ତମାନର ରିପୋର୍ଟ ଏହା ମଧ୍ୟ ସାବ୍ୟସ୍ତ କରିଛି ଯେ ଏହି ପାର୍ଥକ୍ୟ ସଂକୋଚନ କରିବା କ୍ରମରେ ସ୍ୱପ୍ନବିଳାସୀମାନେ ସ୍ୱପ୍ନାବିଷ୍ଟ ହୋଇ ସାରିଛନ୍ତି। ସୁତରାଂ, ଅଧିକରୁ ଅଧିକ ଭାରତୀୟଙ୍କ ପରିବାର ସହିତ ଦେଶର ଅର୍ଥନୀତି ସମୃଦ୍ଧ ହେବାର ସମ୍ଭାବନା ଉଜ୍ଜ୍ୱଳ। ଚାରି ଦିନ ତଳେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ 'ହାଉସହୋଲ୍ଡ କଂଜପ୍ସନ ଏକ୍ସପେଣ୍ଡିଚର ସର୍ଭେ' ବା 'ପରିବାର ଖାଉଟି ଖର୍ଚ୍ଚ ସର୍ବେକ୍ଷଣ' ରିପୋର୍ଟ ପ୍ରକାଶିତ ହେବା ପରେ ଭାରତୀୟ ନାଗରିକମାନଙ୍କ ମୋଟାମୋଟି ଆର୍ଥିକ ସ୍ଥିତି ନେଇ ଏକ ନିର୍ଦ୍ଦିଷ୍ଟ ଧାରଣା ସୃଷ୍ଟି ହୋଇଛି। ଏହା ସହିତ ଦଶ ବର୍ଷରୁ ଅଧିକ କାଳ ତଳର ନିତାନ୍ତ ଭରସା-ଅଯୋଗ୍ୟ 'ଡେଟା' ବା ତଥ୍ୟରାଜିର ଭୂମି ଉପରେ ଛିଡ଼ା ହୋଇ ଅନୁମାନଭିନ୍ତିକ ଆକଳନରୁ ଯୋଜନା ପ୍ରସ୍ତୁତ କରିବାକୁ ବାଧ୍ୟ ହେଉଥିବା ନୀତି ନିର୍ଦ୍ଧାରକମାନେ ଆପାତତଃ ସଂଶୟର ସମ୍ମୁଖୀନ ହେବାରୁ ମୁକ୍ତ ହୋଇଛନ୍ତି। ପରଂପରା ଅନୁସାରେ ପ୍ରତି ପା଼ଁରୁ ସାତ ବର୍ଷ ମଧ୍ୟରେ ଏହି ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥାଏ; ସୁତରାଂ, ଏହାର ପୂର୍ବବର୍ନ୍ତୀ ରିପୋର୍ଟଟି ୨୦୧୭-୧୮ ମସିହାରେ ଆତ୍ମପ୍ରକାଶ କରିବାକୁ ଉଦ୍ୟତ ହେଉଥିବା ବେଳେ ସରକାରଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଇଥିଲା; କାରଣ ସରକାରଙ୍କ ବିଚାରରେ ୨୦୧୬ ମସିହାର ବିମୁଦ୍ରୀକରଣ ଏବଂ ୨୦୧୭ ମସିହାର ଜି.ଏସ୍ ?.ଟି. ପ୍ରଚଳନ ଏଭଳି ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ କରନ୍ତା। ସୁତରାଂ, ଭାରତୀୟମାନଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ନେଇ କେ ?ଣସି ଧାରଣା ଲାଭ କରିବା ସକାଶେ ପ୍ରାୟ ଏକ ଡଜନ ବର୍ଷ ତଳକୁ ଅର୍ଥାତ୍ ? ୨୦୧୦-୧୧ ମସିହାର ପରିସଂଖ୍ୟାନ ମାଳା ନିକଟକୁ ପ୍ରତ୍ୟାବର୍ନ୍ତନ କରିବାକୁ ହେଉଥିଲା, ଯେଉଁ ବର୍ଷଟି ସର୍ବଶେଷ ଜନଗଣନା ରିପୋର୍ଟ ଏବଂ 'ଖାଉଟି ଖର୍ଚ୍ଚ' ରିପୋର୍ଟ ଦେଖିଥିଲା। ସାଂପ୍ରତିକ ରିପୋର୍ଟରୁ ମିଳିଥିବା ଇଙ୍ଗିତ ଅନୁଯାୟୀ ଇତିମଧ୍ୟରେ ଭାରତୀୟଙ୍କ ଜୀବନଶେ ?ଳୀରେ ଅନେକ ମହନ୍ତ୍ୱପୂର୍ଣ୍ଣ ପରିବର୍ନ୍ତନ ସଂଘଟିତ ହୋଇସାରିଛି, ଯେଉଁ ସଂଦର୍ଭଟି ଏକ କ୍ଷୁଦ୍ର ଆଲୋଚନା ସକାଶେ ଅବକାଶ ସୃଷ୍ଟି କରିଥାଏ। ଏହି ସଦ୍ୟ 'ଖାଉଟି ଖର୍ଚ୍ଚ' ସମ୍ବଳିତ ସର୍ବେକ୍ଷଣ ରିପୋର୍ଟରୁ ଅନ୍ତତଃ ପା଼ଁଟି ସଂକେତ ମିଳିଥାଏ। ପ୍ରଥମ, ଇତିମଧ୍ୟରେ ଉଭୟ ଭାରତୀୟ ଗ୍ରାମ ଏବଂ ସହରରେ ଦାରିଦ୍ର୍ୟର ହୃଦୟ ବିଦାରକ ତୀବ୍ରତାରେ ହ୍ରାସ ଘଟିଛି; ଦରିଦ୍ରମାନେ ବିଦ୍ୟମାନ ଅଛନ୍ତି ସତ, କିନ୍ତୁ 'ସର୍ବହରା' ପର୍ଯ୍ୟାୟର ଦାରିଦ୍ର୍ୟ ନଗଣ୍ୟ ପ୍ରାୟ ହୋଇଛି। ଦ୍ୱିତୀୟ, ଉଭୟ ଗ୍ରାମାଂଚଳ ଏବଂ ସହରରେ ହାରାହାରି ମାସିକ ମୁଣ୍ଡ ପିଛା ଖର୍ଚ୍ଚରେ ସନ୍ତୋଷଜନକ ବୃଦ୍ଧି ଘଟିଛି; ବର୍ନ୍ତମାନ ଗ୍ରାମାଂଚଳରେ ମାସିକ ହାରାହାରି ମୁଣ୍ଡ ପିଛା ଖର୍ଚ୍ଚର ପରିମାଣ ୩୭୦୦ ଟଙ୍କା ଏବଂ ସହରରେ ତାହା ୬୫୦୦ ଟଙ୍କା; ଯାହା ୨୦୧୦-୧୧ ତୁଳନାରେ ଯଥାକ୍ରମେ ୧୬୪% ଓ ୧୪୬% ବୃଦ୍ଧି। ତୃତୀୟ, ଆଜିକୁ ଦଶ ବର୍ଷ ତଳେ ଉଭୟ ଗ୍ରାମ ଏବଂ ସହରରେ ପାରିବାରିକ ଆୟରୁ ଖାଦ୍ୟ ପିଛା ବ୍ୟୟର ପରିମାଣ ଥିଲା ଯଥାକ୍ରମେ ୫୩% ଏବଂ ୪୮%, ଯାହା ବର୍ନ୍ତମାନ ହ୍ରାସ ପାଇ ହୋଇଛି ଯଥାକ୍ରମେ ୪୬% ଏବଂ ୩୯%। ଅବଶ୍ୟ, ଏହାର ଅର୍ଥ ନୁହେଁ ଯେ ଭାରତୀୟ ପରିବାର ଖାଦ୍ୟ ପିଛା କମ୍ ବ୍ୟୟ କରୁଛନ୍ତି ଅର୍ଥାତ୍ ଆଂଶିକ ବୁଭୁକ୍ଷୁ ରହୁଛନ୍ତି, ବରଂ ଏହାର କାରଣ ହେଲା ଭାରତୀୟ ପରିବାରର ଆୟରେ ସୁଖଦ ବୃଦ୍ଧି ଘଟିଛି ଏବଂ ବିଗତ ଦଶନ୍ଧି ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ପ୍ରାୟ ଦୁଇ ଗୁଣ ହୋଇଥିବା ସନ୍ତ୍ୱେ ଆୟର ଆଧିକ୍ୟ କାରଣରୁ ଖର୍ଚ୍ଚର ହାର ପୂର୍ବ ତୁଳନାରେ ହ୍ରାସ ପାଇଛି। ଚତୁର୍ଥ, ଉଭୟ ଗ୍ରାମ ଏବଂ ସହରରେ ଆହାର ବିନ୍ୟାସରେ ପରିବର୍ନ୍ତନ ଘଟିଛି; ଖାଦ୍ୟ ଥାଳିରୁ ଅନ୍ନ ଏବଂ ଡାଲି ଜାତୀୟ ଶସ୍ୟ ହ୍ରାସ ପାଇ ତା' ବଦଳରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଫଳ ଏବଂ ଆମିଷ ବୃଦ୍ଧି ପାଇଛି। ଗ୍ରାମାଂଚଳରେ ବସବାସ କରୁଥିବା ଭାରତୀୟମାନଙ୍କ ଆହାରରେ ଶସ୍ୟର ଅଂଶ ଯଥାକ୍ରମେ ୨୬%ରୁ ୧୫%କୁ ସଂକୋଚନ ଘଟିଥିବା ବେଳେ ଦୁଗ୍ଧ, ଫଳ, ମାଛ ଓ ମାଂସ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଅଧିକାର କରିଛନ୍ତି ୫୫% ସ୍ଥାନ। ସହରରେ ମଧ୍ୟ ସମାନ ସ୍ଥିତି ଦୃଶ୍ୟମାନ, ଯହିଁରେ ଖାଦ୍ୟାନ୍ନ ପରିମାଣରେ ହ୍ରାସ ଘଟିଥିବା ବେଳେ ଉପରୋକ୍ତ ଚାରି ପ୍ରକାର ଖାଦ୍ୟ ୬୫% ଅଂଶ ଅଧିକାର କରିଛନ୍ତି। ଏହା ସୂଚାଇଥାଏ ଯେ ଭାରତୀୟ ପରିବାରଗୁଡ଼ିକ ତୁଳନାତ୍ମକ ଭାବେ ଅଧିକ ପୌଷ୍ଟିକ ଓ ସ୍ୱାଦଯୁକ୍ତ ଆହାର ଗ୍ରହଣ କରୁଛନ୍ତି। ପଂଚମ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସଂକେତ ହେଲା, ଗ୍ରାମ ଏବଂ ସହର ନିର୍ବିଶେଷରେ ଆୟର ଏକ ବୃହତ୍ ଅଂଶ ମୋବାଇଲ୍, ଫ୍ରିଜ୍, ୱାସିଂ ମେସିନ ବା ମୋଟର ଗାଡ଼ି ଭଳି ଉପଭୋଗ୍ୟ ସାମଗ୍ରୀର କ୍ରୟ ବା ଅବକାଶକାଳୀନ ଭ୍ରମଣ ବା ସନ୍ତାନମାନଙ୍କ ଶିକ୍ଷା ବା ପରିବାର ସଦସ୍ୟଙ୍କ ଚିକିତ୍ସା ଭଳି କ୍ଷେତ୍ରରେ ବ୍ୟୟ କରାଯାଉଛି, ଯାହା ଜୀବନଯାପନକୁ ଅଧିକ ସ୍ୱଚ୍ଛନ୍ଦ ଓ ଗୁଣବନ୍ତାସଂପନ୍ନ କରିବା ସହିତ ଏହି କାରଣରୁ ଦେ ?ନନ୍ଦିନ ଜୀବନଚର୍ଯ୍ୟାରୁ ଉଦ୍ ?ବୃନ୍ତ ସମୟ ଅନେକଙ୍କ ସକାଶେ ଉତ୍ପାଦନଶୀଳ ଏବଂ ଅର୍ଥକରୀ ମଧ୍ୟ ହୋଇପାରିଛି। ଏହି ରିପୋର୍ଟରୁ ଇଙ୍ଗିତ ମିଳିଥାଏ ଯେ ସାଧାରଣ ଭାରତୀୟ ନାଗରିକମାନେ ଢୋକେ ପିଇ ଦଣ୍ଡେ ଜିଇବାରେ ସନ୍ତୁଷ୍ଟ ନୁହନ୍ତି। ସେମାନେ ଜୀବନର ମାନ ବୃଦ୍ଧିର ସ୍ୱପ୍ନ-ବିଳାସରେ ନିମଜ୍ଜିତ ମାତ୍ର ହୋଇ ନ ରହି, ସ୍ୱପ୍ନକୁ ଚରିତାର୍ଥ କରିବା ଲାଗି ପ୍ରୟାସକୁ ମଧ୍ୟ ପ୍ରଗାଢ଼ କଲେଣି। ସେହି କାରଣରୁ ଅସଂଖ୍ୟ ଭାରତୀୟ ନାଗରିକ ସ୍ୱଦେଶ ଓ ବିଦେଶର ଚାରଣ ଭୂମି ସନ୍ଧାନରେ ଗମନ କରିବାର ଏକ ଧାରା ମଧ୍ୟ ସୃଷ୍ଟି କଲେଣି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ନିଜ ସ୍ୱପ୍ନ ବିଳାସକୁ ଚରିତାର୍ଥ କରି ସ୍ୱପ୍ନଭୁକ୍ ?ରେ ପରିଣତ ହୋଇଥିବା ମୁଷ୍ଟିମେୟ ସଫଳ ବ୍ୟକ୍ତି ପିରାମିଡର ଶିଖରରେ ଉପନୀତ ହୋଇ ତାଙ୍କ ତଳ ସୋପାନରେ ଥିବା ବ୍ୟକ୍ତିବିଶେଷଙ୍କୁ ଶୀର୍ଷାରୋହଣ ଲାଗି ଅନୁପ୍ରାଣିତ କରି ଚାଲିଛନ୍ତି। ସେମାନଙ୍କ ତଳେ ଦ୍ୱିତୀୟ ସୋପାନରେ ବିଦ୍ୟମାନ ଅଛନ୍ତି ଯଥାକ୍ରମେ ଶିକ୍ଷିତ ଓ ସ୍ୱଚ୍ଛଳ ବୃନ୍ତି ଭୋଗୀ (ଇଂଜିନିଅର ବା ଡାକ୍ତର ବା ବ୍ୟାଙ୍କ କର୍ମଚାରୀ ଇତ୍ୟାଦି) ଓ ମଧ୍ୟମ ସ୍ତରୀୟ ଉଦ୍ୟୋଗୀ; ତୃତୀୟ ସୋପାନରେ ଉପର ଦୁଇ ବର୍ଗକୁ ସହାୟତା ପ୍ରଦାନରେ ନିୟୋଜିତ ମାନବ ସମ୍ବଳ (ଡ୍ରାଇଭର,

# ଚିନ୍ମୟ ଚେତନା : ରାଜାଙ୍କ ଆଖିରେ ଲୁହ



ନିକଟରେ ଶେଷ ହୋଇଥିବା ଏ ବର୍ଷର ଖଣ୍ଡଗିରି ଯାତ୍ରା ମହାସମରର ବିଶେଷତ୍ୱ ଥିଲା ଗୋଟିକରୁ ବଳି ଗୋଟିଏ ଦୁଃଖଭରା ନାଟକ ପ୍ରଦର୍ଶନ। ମିଡିଆ ରିପୋର୍ଟ ଅନୁସାରେ ଅଭିନେତା ଓ ଯାତ୍ରାପ୍ରେମୀଙ୍କ ଲୁହରେ କୁଆଡ଼େ ଯାତ୍ରା ସ୍ଥଳୀ ବୁଡ଼ି ଯାଉଥିଲା। ଘଟଣାଟି ଏଠି ଉପସ୍ଥାପନ କରିବାର ଉଦ୍ଦେଶ୍ୟ ଏୟା ଯେ ସେହି ଲୁହର ଧାରା ହଠାତ୍ ରାଜନୈତିକ ମଂଚକୁ ମଧ୍ୟ ବ୍ୟାପି ଯାଇଥିଲା। ମଣିଷ ମନର ଆବେଗଗୁଡ଼ିକ ଅନ୍ୟ ପାଖକୁ ବିନା କାରଣରେ ସଂକ୍ରମିତ ହେବାର ଦୃଷ୍ଟାନ୍ତ ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଯାତ୍ରା ମଂଚର ପ୍ରଭାବରେ କି କ'ଣ, ଓଡ଼ିଶାର ଜଣେ ମନ୍ତ୍ରୀ ଗୋଟିଏ ଜନସଭାକୁ ସମ୍ବୋଧିତ କଲା ବେଳେ ହଠାତ୍ ? କାନ୍ଦିବାକୁ ଆରମ୍ଭ କରିଦେଲେ। ତାଙ୍କର ଦଳୀୟ ନେତା ତଥା ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱ, ବ୍ୟକ୍ତିତ୍ୱ ଓ ଓଡ଼ିଶାର ସାଢ଼େ ଚାରି କୋଟି ଜନତାଙ୍କ ପ୍ରତି ତାଙ୍କର ବାତ୍ସଲ୍ୟ ରସ ଇତ୍ୟାଦି ଫେଟାଂଫେଟିଂ ହୋଇ ତାଙ୍କୁ ଏତେ ଆକତାମାକତା କରି ପକାଇଲା ଯେ ସେ ତାଙ୍କର ଲୁହକୁ ରୋକି ପାରିଲେ ନାହିଁ। ରାଜନୀତି ସହ ଲୁହର ସମ୍ପର୍କ ବହୁ ପୁରୁଣା, ଯଦିଓ ଲୁହକୁ ନେଇ ରାଜନୀତିରେ ଅନେକ ଦ୍ୱିଧା ଓ ସନ୍ଦେହ! ଜଣେ ରାଜାଙ୍କ ଆଖିରେ ଲୁହ ଶୋଭା ପାଏ ନାହିଁ; କାରଣ ସର୍ବସାଧାରଣ ଏହାକୁ ରାଜାଙ୍କର ଦୁର୍ବଳତା ବୋଲି ଧରି ନିଅନ୍ତି। ରାଜା ଯଦି ଦୁର୍ବଳତାର ଶିକାର ହେବେ, ତେବେ ଜନସାଧାରଣଙ୍କ ମନୋବଳର ଅବସ୍ଥା କ'ଣ ହେବ ? ଏହି ଯୁକ୍ତିଟିକୁ ଅନେକ ଦେଶର ରାଜା ବା ଶାସନ ମୁଖ୍ୟମାନେ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି ଓ ଯେତେ ଦୁଃଖଦ ପରିସ୍ଥିତି ଆସିଲେ ମଧ୍ୟ ସର୍ବ ସମକ୍ଷରେ ଲୁହ ଝରାନ୍ତି ନାହିଁ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିଜର କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ମୃତ୍ୟୁ ପରେ ମଧ୍ୟ ପ୍ରକାଶ୍ୟରେ ଭାଙ୍ଗି ନ ପଡ଼ି କିମ୍ବା ଟୋପେ ଲୁହ ନ ଝରାଇ ଏହି ପ୍ରଥାଟିକୁ ସମ୍ମାନ ଜଣାଇଥିଲେ। ହେଲେ, ଲୁହ ସପକ୍ଷରେ ଯୁକ୍ତିଟି ହେଲା, ଶାସକ ଜଣକ ଜନତାର ଦୁଃଖ ସହିତ ନିଜର ସହୃଦୟତା ଏହି ଲୁହ ମାଧ୍ୟମରେ ଜଣାଇ ସାଧାରଣ ବର୍ଗର ନିକଟତର ହୋଇପାରନ୍ତି। ସଫଳ ରାଜନୀତିଜ୍ଞ ମୋଦୀ ହୁଏତ ରାଜାଙ୍କ ଆଖିରେ ଲୁହର ଭଳି ଦିଗଟିକୁ ଦକ୍ଷତାର ସହ ଉପଯୋଗ କରିପାରିଛନ୍ତି। ମଂଚରେ ଠିଆ ହୋଇ ତାଙ୍କର କାନ୍ଦିବାର ଅନେକ ଦୃଷ୍ଟାନ୍ତ ରହିଛି। ଏହି ମୁଖିଆମାନଙ୍କ କଥା ଛାଡ଼ନ୍ତୁ- ଭାରତୀୟ ରାଜନୀତିରେ କନ୍ଦାକଟାର ବିଭିନ୍ନ ମଜାଳିଆ ଦୃଷ୍ଟାନ୍ତମାନ ଭରି ରହିଛି। ତାମିଲନାଡୁର ବିବାଦୀୟ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟଲଳିତା ଜେଲ୍ ଯିବାରୁ ଶାସନ ଭାର ସମ୍ଭାଳିଥିଲେ ପନିରସେଲଭନ। ସେ ଓ ତାଙ୍କର ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଶପଥ ପାଠ କଲା ବେଳେ ମନ ଭରି କାନ୍ଦିଥିଲେ। ଏହି ସାମୂହିକ ରୋଦନର ଦ୍ୱିତୀୟ ଭାଗ ଦେଖିବାକୁ ମିଳିଥିଲା ଜୟଲଳିତାଙ୍କ ମୃତ୍ୟୁ ପରେ, ଯେତେବେଳେ ପନିରସେଲଭନଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ପାଠ କରିବାକୁ ପଡ଼ିଥିଲା। ଅବଶ୍ୟ, ଏହି ଲୁହ ବନ୍ୟାରେ ଭଟ୍ଟା ପଡ଼ିଥିଲା ମାତ୍ର କିଛି ଦିନ ପରେ, ଯେତେବେଳେ ବିବାଦୀୟ ପରିସ୍ଥିତି ଭିତରେ ତାଙ୍କୁ ଶାସନ କ୍ଷମତା ହରାଇବାକୁ ପଡ଼ିଥିଲା। ରାଜନୀତିରେ ହୃଦୟ ଭାଙ୍ଗିବା ଏତେ ନିତିଦିନିଆ ଘଟଣା ଯେ ପ୍ରେମ ଜଗତ୍ ବି ତା' ଆଗରେ ଫିକା ପଡ଼ିଯିବ। ପୁରୁଣା ପ୍ରତିଶ୍ରୁତିକୁ ଭୁଲିଯିବା, ପୁରୁଣା ବନ୍ଧୁତା ଛାଡ଼ି ନୂଆର ହାତ ଧରିବା, ନିଜ ହାତରେ ଗଢ଼ିଥିବା ସାମ୍ରାଜ୍ୟ ଆଖି ପିଛୁଳାକେ ହାତଛଡ଼ା ହୋଇଯିବା, ସାରା ଜୀବନ ପରିଶ୍ରମ କରି ଗଢ଼ିଥିବା ନିଜର ଛବି କେଉଁ ଏକ ଅପ୍ରତ୍ୟାଶିତ ବିଡ଼ମ୍ବନା ଯୋଗୁଁ ଧୂଳିସାତ ହୋଇଯିବା- ଏ ସବୁ ରାଜନୀତିର ପିଛଳ ଭୂଇଁରେ ସାଧାରଣ କଥା। ଏ ସବୁ ଘଟଣା କାଳ କାଳ ଧରି ନେତାଙ୍କର ଆଖିରୁ ଲୁହ ଝରାଇ ଆସୁଛନ୍ତି। ଆଗରୁ ରାଜନେତାମାନଙ୍କୁ ଆହୁରି କନ୍ଦେଇବାର ଖୋରାକ ଯୋଗେଇ ଦେଉଥିଲା ଆମ ଲୋକଙ୍କର ଦାରିଦ୍ର୍ୟ; ଯାହାର ବହୁମୂଲ୍ୟ ଭୋଟଟି ମାଗିବାକୁ ନେତାମାନେ ବହୁ ପରିଶ୍ରମ କରି କେଉଁ ଅଗମ୍ୟ ସ୍ଥାନରେ ପହଚୁଁଥିଲେ, ସେଠି ତାଙ୍କୁ ଅପେକ୍ଷା କରି ରହୁଥିଲା ବୁଭୁକ୍ଷୁ ଜନତାର ଦୈନ୍ୟ। ଏଭଳି ପରିସ୍ଥିତିକୁ ପ୍ରତ୍ୟକ୍ଷ କଲାବେଳେ ଆଖିରୁ ଦି' ଟୋପା ଲୁହ ଝରାଇବା ଥିଲା ରାଜନୈତିକ ଶିଷ୍ଟାଚାରର ଏକ ଅଭିନ୍ନ ଅଙ୍ଗ। ସେହି ଲୁହ ଝରାଇବା ଓ ତା' ସାଙ୍ଗକୁ ଏହି ଦୁରବସ୍ଥା ପାଇଁ ବିରୋଧୀ ଦଳକୁ ଦାୟୀ କରିବା ଭିତରେ ନେତାମାନେ ତାଙ୍କର ଆଗାମୀ ପାଂଚ ବର୍ଷ ପାଇଁ ବାଟ ସଫା କରିପାରୁଥିଲେ। ହେଲେ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି ଓ ଲୁହ ଆଉ ରାଜନେତାର ଅସ୍ତ୍ରାଗାରରେ ସବୁଠୁ ଅଧିକ ଶକ୍ତିଶାଳୀ ଅସ୍ତ୍ର ହୋଇ ରହିନାହିଁ। ପ୍ରଥମେ ତ ଦେଖନ୍ତୁ ରାଜନୀତିରେ ଆଜି ହୃଦୟ ଭାଙ୍ଗିବାର ହାର ଆଶାତୀତ ଭାବରେ କମିବାକୁ ଲାଗିଲାଣି। ରାଜନୈତିକ ପ୍ରତିଶ୍ରୁତି କିମ୍ବା ପୁରୁଣା ବନ୍ଧୁର ବନ୍ଧୁତାକୁ ଏକମାତ୍ର ଆଶ୍ରୟ ବୋଲି ଆଜିର ସାବଧାନ ନେତାମାନେ ଭାବୁ ନାହାନ୍ତି। ଆଜି ସଭିଙ୍କ ପାଖରେ ବିକଳ୍ପ ବ୍ୟବସ୍ଥା ମହଜୁଦ ହୋଇରହିଛି। ଶେଷରେ ଗରିବୀର ଢାଲ ମଧ୍ୟ ଧୀରେ ଧୀରେ ଅପସରି ଯିବାରେ ଲାଗିଛି। ଦେଶର ଦାରିଦ୍ର୍ୟର ହାର ଆଜି ଶତକଡ଼ା ଦୁଇରେ ପହଂଚିଲାଣି ଓ ଲୋକଙ୍କ ହାତ ପାହାନ୍ତାରେ ସବୁ ଯୋଜନା। ଲୁହ ଝରାଇ ସିନା ଗରିବକୁ ସମବେଦନା ଜଣାଇହୁଏ, ସ୍ୱଚ୍ଛଳକୁ ନୁହେଁ। ସ୍ୱଚ୍ଛଳ ବ୍ୟକ୍ତି ଏମିତି ଲୁହକୁ ସାଙ୍ଗେ ସାଙ୍ଗେ କୁମ୍ଭୀରର ନକଲି ଲୁହ ବୋଲି ଚିହ୍ନି ପକାଇବ। ଏହି ପରିବର୍ତନ ସତ୍ତ୍ୱେ ଓଡ଼ିଶାର ଉପରୋକ୍ତ ମନ୍ତ୍ରୀ ମଂଚରେ କାନ୍ଦିଲେ କାହିଁକି ? ଛିଗୁଲିଆ ପ୍ରକୃତିର ଲୋକେ କହନ୍ତି ଅନେକ ଦିନ ଧରି ମଂଚରେ ବସିବାର ସୁଯୋଗରୁ ବଂଚି ହୋଇଥିବାରୁ ମନ୍ତ୍ରୀ ଓ ନେତାମାନେ ହଠାତ୍ ମଂଚକୁ ଫେରି କ'ଣ କରିବେ ବା କହିବେ ଠିକ୍ କରିପାରୁନାହାନ୍ତି। ମନ୍ତ୍ରୀ ପରେ ପରେ ଭାବବିହ୍ୱଳ ହୋଇ ତାଙ୍କ ନେତାଙ୍କ ମୃତ୍ୟୁ ପରେ ତାଙ୍କ ମୁହଁରେ ପାଣି କିଏ ଦେବ କିମ୍ବା ମୁଖାଗ୍ନି କିଏ ଦେବ ସେ ନେଇ ବି ଚିନ୍ତା ବ୍ୟକ୍ତ କରି ପକାଇଲେ। ଶିଷ୍ଟାଚାର କହେ କୌଣସି ବଂଚିଥିବା ମଣିଷର ମୃତ୍ୟୁ କଥା ମୁହଁରେ ଧରିବା ଅନୁଚିତ। ଆବେଗରେ ବହି ଯାଇ ମନ୍ତ୍ରୀ ଏହି ସାଧାରଣ କଥାଟି କ୍ଷଣିକ ପାଇଁ ପାସୋରି ଗଲେ। ସବୁ ସେଇ ଲୁହର କରାମତି !

# 'ଜିଡିପି' ଯୁଦ୍ଧାସ୍ତ୍ର

ଏହି ଯୁଦ୍ଧର ଠିକ୍ ଅବ୍ୟବହିତ ପୂର୍ବରୁ ଏବେ ଏଠାରେ ଯେଉଁ ରୂପରେ ସେଇ ଶକ୍ତିଶାଳୀ ଅସ୍ତ୍ରର ଆବିର୍ଭାବ ଘଟିଛି, ତାହା ହେଉଛି ସଦ୍ୟ ପ୍ରକାଶିତ ୨୦୨୪ ବିନ୍ତ ବର୍ଷର ତୃତୀୟ ଚଉଠ ପାଇଁ 'ଜିଡିପି' ହିସାବ, ଯାହା ହେଉଛି ସାଧାରଣ ନିର୍ବାଚନ ପୂର୍ବରୁ ପ୍ରକାଶ ପାଇଥିବା ସରକାରଙ୍କର ସର୍ବଶେଷ ଅର୍ଥନୈତିକ ରିପୋର୍ଟ କାର୍ଡ। ଏହି କାର୍ଡ ବହନ କରୁଥିବା ସୂଚନା ହୁଏତ ଏହି ଯୁଦ୍ଧରେ 'ଇନ୍‌ଡିଆ' ଉପରେ ବିଜୟ ଲାଭ କରିବାରେ ମୋଦୀଙ୍କୁ ସାହାଯ୍ୟ କରିପାରେ; କିମ୍ବା 'ଏନ୍‌ଡିଏ'କୁ ପରାସ୍ତ କରି ମୋଦୀଙ୍କୁ ଗାଦିଚ୍ୟୁତ କରିବାରେ ରାହୁଲ ଗାନ୍ଧୀଙ୍କୁ ସାହାଯ୍ୟ କରିପାରେ।ଯୁଦ୍ଧ ହେଉଛି ଉଦ୍ଭାବନର ଜନନୀ- ସ୍କୁଲରେ ପ୍ରବନ୍ଧ ଲେଖିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏହା ଭଲ ରୂପେ ଜଣା। ରେଡାରରୁ ଆରମ୍ଭ କରି ଆଜିର ଅପରିହାର୍ଯ୍ୟ ଇଂଟରନେଟ୍ ପର୍ଯ୍ୟନ୍ତ ହେଉଛନ୍ତି ଯୁଦ୍ଧର ଚାପରୁ ଜନ୍ମିତ ସନ୍ତାନମାନ। ତେବେ ଯୁଦ୍ଧ ସହିତ ଘନିଷ୍ଠ ସଂପର୍କ ଥିବା ଉଦ୍ଭାବନଗୁଡ଼ିକ କେବଳ ଏଭଳି ବିଜ୍ଞାନ ଜଗତରେ ସୀମିତ ନୁହନ୍ତି। ଉଦାହରଣ ସ୍ୱରୂପ ଅର୍ଥଶାସ୍ତ୍ରର ଛାତ୍ରଛାତ୍ରୀମାନଙ୍କୁ ଜଣାଥିବା ଭଳି ଆଜିକାଲି ବହୁଳ ବ୍ୟବହୃତ ହେଉଥିବା ଏହି ଶାସ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ, 'ଜିଡିପି' ମଧ୍ୟ ହେଉଛି ଯୁଦ୍ଧର ସନ୍ତାନ। ୧୯୩୯ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ କରି ନାତ୍‌ସି ଜର୍ମାନୀ ବିରୁଦ୍ଧରେ ପ୍ରାଣମୂର୍ଚ୍ଛା ଲଢ଼େଇ ଚଳାଇଥିବା ବ୍ରିଟେନ୍ ଯେତେବେଳେ ଏଥିପାଇଁ ଆବଶ୍ୟକ ସମ୍ବଳ ସଂଗ୍ରହର ଉପାୟ ସନ୍ଧାନ କରୁଥିଲା, ବିଚକ୍ଷଣ ମହାନ୍ ଅର୍ଥନୀତିଜ୍ଞ ଜନ୍ ମେନାର୍ଡ କେନ୍‌ସ ସେତେବେଳେ ଏ ସଂପର୍କରେ ଏକ ଦିଗ୍‌ଦର୍ଶନକାରୀ ପୁସ୍ତିକା ରଚନା କରିଥିଲେ। ୧୯୪୦ରେ ପ୍ରକାଶିତ କେନ୍‌ସଙ୍କର ଏହି ରଚନାର ସିଧାସଳଖ ଶୀର୍ଷକ ଥିଲା- 'ହାଓ ଟୁ ପେ ଫର୍ ଦି ୱାର ('ଯୁଦ୍ଧ ପାଇଁ କେମିତି ସମ୍ବଳ ସଂଗ୍ରହ କରିବା')। ଏଥିରେ ସେ ଉପଲବ୍ଧ ସମ୍ବଳ ଉପଯୋଗ କରି ବ୍ରିଟିଶ୍ ଅର୍ଥନୀତିରେ କେତେ ଉତ୍ପାଦନ ସମ୍ଭବ ହୋଇପାରିବ; ସେଥିରୁ କେତେ ଅଂଶ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ଓ ଯୁଦ୍ଧ ଚଳାଇବା ନିମିନ୍ତ ଆବଶ୍ୟକ ହେବ; ଜନସାଧାରଣଙ୍କ ଉପଭୋଗ ପାଇଁ କେତେ ଉପଲବ୍ଧ ହେବ; ଏବଂ ଏଥିଯୋଗୁଁ ସେମାନଙ୍କର ଜୀବନଧାରଣର ମାନରେ କେତେ ସ୍ଖଳନ ଘଟିବ- ଇତ୍ୟାଦି ସମ୍ବନ୍ଧରେ ଯଥେଷ୍ଟ ପରିସଂଖ୍ୟାନର ଅଭାବ ବିରୁଦ୍ଧରେ ତୀକ୍ଷ୍ଣ ସମାଲୋଚନା କରିଥିଲେ। କେନ୍‌ସଙ୍କ ଯୁକ୍ତି ଏପରି ପ୍ରଭାବଶାଳୀ ଥିଲା ଯେ ତାହାକୁ ଅନୁସରଣ କରି ବ୍ରିଟିଶ୍ ସରକାର ରିଚାର୍ଡ ଷ୍ଟୋନ୍ ଓ ଜେମ୍‌ସ ମିଡ୍ ନାମକ ଦୁଇ ଜଣ ଯୁବ ଅର୍ଥନୀତିଜ୍ଞଙ୍କ ଉପରେ ଜାତୀୟ ଅର୍ଥନୀତି ସଂପର୍କରେ ଆବଶ୍ୟକ ପରିସଂଖ୍ୟାନ ସଂଗ୍ରହ କରି ପ୍ରସ୍ତୁତ କରିବା ଦାୟିତ୍ୱ ଅର୍ପଣ କଲେ, ଯାହାର ଫଳସ୍ୱରୂପ ୧୯୪୧ରେ ସର୍ବପ୍ରଥମ ଆଧୁନିକ 'ଜିଡିପି' ବା ଦେଶର 'ମୋଟ ଜାତୀୟ ଉତ୍ପାଦ' ହିସାବର ଆତ୍ମପ୍ରକାଶ ଘଟିଲା। (ପରବର୍ନ୍ତୀ ସମୟରେ ପ୍ରଥମେ ମିଡ୍ ଓ ପରେ ଷ୍ଟୋନ୍ ଅର୍ଥନୀତିରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।) ଏଥିରେ ସନ୍ଦେହ ନାହିଁ ଯେ ନିୟମିତ 'ଜିଡିପି' ହିସାବର ଆବିର୍ଭାବ ନିଜର ଅର୍ଥନେ ?ତିକ ଶକ୍ତି ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ସଂଗ୍ରହ କରି ତାହାକୁ ଫଳପ୍ରଦ ଭାବରେ ସାମରିକ ପ୍ରସ୍ତୁତିରେ ନିୟୋଜିତ କରି ଶେଷରେ ଯୁଦ୍ଧରେ ବିଜୟ ଲାଭ କରିବାରେ ବ୍ରିଟେନ୍‌କୁ ସହାୟକ ହୋଇଥିଲା। ଏହା କହିଲେ ଭୁଲ୍ ହେବ ନାହିଁ ଯେ ସେ ସମୟରେ ଉଦ୍ଭାବିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଭଳି 'ଜିଡିପି' ମଧ୍ୟ ଏକ ଯୁଦ୍ଧାସ୍ତ୍ର ରୂପେ କାର୍ଯ୍ୟ କରି ବ୍ରିଟେନ୍‌କୁ ଯୁଦ୍ଧରେ ବିଜୟୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଭାରତ ଏବେ ଏକ ଆସନ୍ନ ଯୁଦ୍ଧର ସମ୍ମୁଖୀନ: ଲୋକସଭା ପାଇଁ ସାଧାରଣ ନିର୍ବାଚନ। ବିଶ୍ୱଯୁଦ୍ଧର ମିତ୍ର ଶକ୍ତି ଓ ଅକ୍ଷ ଶକ୍ତି ଭଳି ଏଠାରେ ଏହି ଯୁଦ୍ଧରେ ମୁହାଁମୁହିଁ ହୋଇଥିବା ଦୁଇ ପକ୍ଷ ହେଉଛନ୍ତି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ 'ଏନ୍ ?ଡିଏ' ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ 'ଇନ୍ ?ଡିଆ'। ଏହି ଯୁଦ୍ଧର ଠିକ୍ ଅବ୍ୟବହିତ ପୂର୍ବରୁ ଏବେ ଏଠାରେ ଯେଉଁ ରୂପରେ ସେଇ ଶକ୍ତିଶାଳୀ ଅସ୍ତ୍ରର ଆବିର୍ଭାବ ଘଟିଛି, ତାହା ହେଉଛି ସଦ୍ୟ ପ୍ରକାଶିତ ୨୦୨୪ ବିତ ବର୍ଷର ତୃତୀୟ ଚଉଠ ପାଇଁ 'ଜିଡିପି' ହିସାବ, ଯାହା ହେଉଛି ସାଧାରଣ ନିର୍ବାଚନ ପୂର୍ବରୁ ପ୍ରକାଶ ପାଇଥିବା ସରକାରଙ୍କର ସର୍ବଶେଷ ଅର୍ଥନୈତିକ ରିପୋର୍ଟ କାର୍ଡ। ଏହି କାର୍ଡ ବହନ କରୁଥିବା ସୂଚନା ହୁଏତ ଏହି ଯୁଦ୍ଧରେ 'ଇନ୍ ?ଡିଆ' ଉପରେ ବିଜୟ ଲାଭ କରିବାରେ ମୋଦୀଙ୍କୁ ସାହାଯ୍ୟ କରିପାରେ; କିମ୍ବା 'ଏନ୍‌ଡିଏ'କୁ ପରାସ୍ତ କରି ମୋଦୀଙ୍କୁ ଗାଦିଚ୍ୟୁତ କରିବାରେ ରାହୁଲ ଗାନ୍ଧୀଙ୍କୁ ସାହାଯ୍ୟ କରିପାରେ। ରିପୋର୍ଟ କରାର୍ଡଟି ଉପରେ ପ୍ରଥମ ଦୃଷ୍ଟିପାତରୁ ଯାହା ମନେ ହୁଏ, ଏହି ବ୍ରହ୍ମାସ୍ତ୍ରଟି ସ୍ପଷ୍ଟ ରୂପେ ନରେନ୍ଦ୍ର ମୋଦୀଙ୍କ ହାତରେ ପଡ଼ିବାକୁ ଯାଉଛି। 'ଏନ୍‌ଏସ୍‌ଓ' ଦ୍ୱାରା ପ୍ରକାଶିତ ଏହି ରିପୋର୍ଟ ଅନୁସାରେ ଚଳିତ ବିନ୍ତବର୍ଷର ତୃତୀୟ ଚଉଠ (ଅକ୍‌ଟୋବର-ଡିସେମ୍ବର)ରେ ଭାରତର 'ଜିଡିପି'ରେ ୮.୪ ଶତାଂଶ ହାରରେ ବୃଦ୍ଧି ଘଟିଛି, ଯାହା ହେଉଛି ପୂର୍ବବର୍ନ୍ତୀ ଛ' ଚଉଠ ମଧ୍ୟରେ ସର୍ବୋଚ୍ଚ ତଥା ସମସ୍ତ ବିଶେଷଜ୍ଞ ପୂର୍ବାନୁମାନ ଠାରୁ ବେଶ୍ ଅଧିକ। ଉଦାହରଣ ସ୍ୱରୂପ ରିଜର୍ଭ ବ୍ୟାଙ୍କ୍ ଏହି ଅଭିବୃଦ୍ଧି ହାର ୬.୫ ଶତାଂଶ ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ, 'ବ୍ଲୁମ୍ବର୍ଗ' ଦ୍ୱାରା ସଂଗ୍ରହ କରାଯାଇଥିବା ବିଶେଷଜ୍ଞ ମତ ଅନୁସାରେ ଏହା ୬.୬ ଶତାଂଶ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ବିନ୍ତବର୍ଷର ପ୍ରଥମ ଦୁଇ ଚଉଠରେ ଅଭିବୃଦ୍ଧି ହାର ହୋଇଥିଲା ଯଥାକ୍ରମେ ୮.୨ ଶତାଂଶ ଓ ୮.୧ ଶତାଂଶ। ଏହାକୁ ଭିତି କରି 'ଏନ୍‌ଏସ୍‌ଓ' ତା'ର ପ୍ରଥମ ଆଗୁଆ ଆକଳନରେ ପୂରା ଚଳିତ ବିତବର୍ଷ ପାଇଁ ଅଭିବୃଦ୍ଧି ହାର ୭.୩ ଶତାଂଶ ହେବାକୁ ଯାଉଛି ବୋଲି ପୂର୍ବାନୁମାନ ପ୍ରକାଶ କରିଥିଲା। ବର୍ତମାନ 'ଏନ୍‌ଏସ୍‌ଓ' ପ୍ରକାଶ କରିଥିବା ତା'ର ଦ୍ୱିତୀୟ ଆଗୁଆ ଆକଳନରେ ସେଥିରେ ସଂଶୋଧନ ଘଟାଇ ୨୦୨୩-୨୪ ବିତବର୍ଷରେ ଅଭିବୃଦ୍ଧି ହାର ୭.୬ ଶତାଂଶ ହେବ ବୋଲି ପୂର୍ବାନୁମାନ କରିଛି। ୨୦୨୧-୨୨ ବିତବର୍ଷରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୯.୭ ଶତାଂଶ ଓ ୨୦୨୨-୨୩ରେ ୭ ଶତାଂଶ ହୋଇଥିବାରୁ ୨୦୨୩-୨୪ରେ ଏହି ଅଭିବୃଦ୍ଧି ହାର ହାସଲ ହେଲେ ଭାରତୀୟ ଅର୍ଥନୀତି ଲଗାତାର ତୃତୀୟ ବର୍ଷ ପାଇଁ ୭ ଶତାଂଶ ବା ତା' ଠାରୁ ଅଧିକ ହାରରେ ଅଭିବୃଦ୍ଧି ହାସଲ କରିବାରେ ସଫଳ ହେବ। ପୃଥିବୀର ବିକଶିତ ଅର୍ଥନୀତିମାନ କୋଭିଡ୍, ୟୁକ୍ରେନ୍ ଯୁଦ୍ଧ, ଗାଜା ଯୁଦ୍ଧ ଆଦିର ଆଘାତରେ ଏ ପର୍ଯ୍ୟନ୍ତ ଅର୍ଥନୈତିକ ମାନ୍ଦା ଅବସ୍ଥା ଓ ମୁଦ୍ରାସ୍ଫୀତି କବଳରେ ପଡ଼ିରହିଥିବା ବେଳେ ଭାରତୀୟ ଅର୍ଥନୀତିର ଏହି ଉପଲବ୍ଧି ସାରା ପୃଥିବୀକୁ ଚମତ୍କୃତ କରିଛି; ଯେଉଁଥିପାଇଁ 'ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି' ('ଆଇଏମ୍‌ଏଫ୍') ନିକଟରେ ଭାରତୀୟ ଅର୍ଥନୀତିକୁ ଏକ 'ଷ୍ଟାର୍ ପଫରମର ରୂପେ ଅଭିହିତ କରି ପ୍ରଶଂସା କରିଛି। ଚଳିତ ବିତବର୍ଷରେ ଅର୍ଥନୀତିର ଯେଉଁ ଦୁଇଟି କ୍ଷେତ୍ରର ଅଭିବୃଦ୍ଧି ହାର ସାମଗ୍ରିକ ଅଭିବୃଦ୍ଧିକୁ ଆଗେଇ ନେବ, ସେମାନେ ହେଲେ ମାନୁଫାକ୍‌ଚରିଙ୍ଗ୍ ଓ ନିର୍ମାଣ। ଏହି ବିତବର୍ଷରେ ପ୍ରଥମଟିରେ ଅଭିବୃଦ୍ଧି ହାର ୮.୫ ଶତାଂଶ ହେବାକୁ ଯାଉଥିବା ବେଳେ ଦ୍ୱିତୀୟଟିରେ ତାହା ୧୦.୭ ଶତାଂଶ ହେବାକୁ ଯାଉଛି। କୃଷି ଓ ତତସଂଯୁକ୍ତ କ୍ଷେତ୍ରରେ ଅଭିବୃଦ୍ଧି କିନ୍ତୁ ପୂର୍ବ ବର୍ଷ ତୁଳନାରେ ଅତ୍ୟନ୍ତ ମନ୍ଥର ହେବାକୁ ଯାଉଛି: ପୂର୍ବ ବର୍ଷ ଅଭିବୃଦ୍ଧି ହାର ୪.୭ ଶତାଂଶ ହୋଇଥିବା ବେଳେ ଚଳିତ ବର୍ଷ ତାହା ମାତ୍ର ୦.୭ ଶତାଂଶ ହେବ ବୋଲି ଅନୁମାନ କରାଯାଉଛି। 'ଜିଡିପି' ହିସାବ ଫର୍ଦ୍ଦରେ ଅର୍ଥନୀତିର ଅନ୍ୟ ଯେଉଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶରେ ଦୁର୍ବଳତା ଦୃଷ୍ଟିଗୋଚର ହୋଇଛି, ତାହା ହେଲା ଘରୋଇ ଅନ୍ତିମ ବ୍ୟୟ, ଯେଉଁଥିରେ ବିତବର୍ଷର ପ୍ରଥମ ନ' ମାସରେ ମାତ୍ର ୩.୭ ଶତାଂଶ ହାରରେ ବୃଦ୍ଧି ଘଟିଛି, ଯାହା 'ଜିଡିପି'ରେ ଘଟିଥିବା ସାମଗ୍ରିକ ଅଭିବୃଦ୍ଧି ହାରର ଅଧା ଠାରୁ ମଧ୍ୟ କମ୍। ଘରୋଇ ଅନ୍ତିମ ବ୍ୟୟ ଉପରେ ବଜାରରେ ସାମଗ୍ରିକ ଚାହିଦା ମୁଖ୍ୟତଃ ନିର୍ଭର କରିଥାଏ। ଏହା ଯଦି ଏଭଳି ଦୁର୍ବଳ ହୋଇ ଚାଲେ ଘରୋଇ ଉଦ୍ୟୋଗମାନେ ଭବିଷ୍ୟତରେ ନିଜର ଉତ୍ପାଦନ କ୍ଷମତାରେ ସଂପ୍ରସାରଣ ଘଟାଇବାକୁ ଆଗ୍ରହୀ ହେବେ ନାହିଁ। ତେବେ ସେଭଳି ସମ୍ଭାବନା ଦେଖାଦେବା ପୂର୍ବରୁ ନିର୍ବାଚନ ସମାପ୍ତ ହୋଇ ନୂତନ ସରକାର କ୍ଷମତାକୁ ଆସିଯାଇଥିବ। ଏବଂ ବର୍ନ୍ତମାନର ଉଚ୍ଚ 'ଜିଡିପି' ଅଭିବୃଦ୍ଧି ହାର ସୃଷ୍ଟି କରିଥିବା ଅନୁକୂଳ ହାୱା ଆଜିର ସରକାରକୁ ଆସନ୍ତାକାଲିର ନୂତନ ସରକାରରେ ପରିଣତ କରିବାରେ ସହାୟକ ହେବାର ଦୃଢ଼ ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ତେଣୁ ଏହି 'ଜିଡିପି' ଯୁଦ୍ଧାସ୍ତ୍ରକୁ ପ୍ରୟୋଗ କରିବାରେ ନିମିଷେ ମାତ୍ର ବିଳମ୍ବ ନ କରି ତୃତୀୟ ଚଉଠର ଉଚ୍ଚ ଅଭିବୃଦ୍ଧି ହାରକୁ ଉଚ୍ଚ କଣ୍ଠରେ ସ୍ୱାଗତ କରିବା ଦେଖାଯାଇଛି।

# କାନକୁହା ଅନୁଚିନ୍ତା

ବହୁ କାଳରୁ ଆମ ଭାଷାରେ ଢଗଟିଏ ପ୍ରଚଳିତ ଅଛି; ଯାହା ହେଲା- 'ପାଖରେ ଶୁଏ, କାନରେ କୁହେ, ତା' କଥା କି ଅନ୍ୟଥା ହୁଏ ?' ଏହି ଢଗର ଅର୍ଥ ଊଣା ଅଧିକେ ସମସ୍ତେ ବୁଝନ୍ତି, ଯାହା ହେଲା ରାତିରେ ଏକ ସାଙ୍ଗରେ ଶୟନ କରୁଥିବା ବେଳେ ପତ୍ନୀର କାନକୁହା କଥାରେ ସ୍ୱାମୀ ପୂରାପୂରି ଭଳିଯାଏ। ସେଥି ଲାଗି ପତ୍ନୀର କଥା କେବେ ହେଲେ ଅନ୍ୟଥା ହୁଏନାହିଁ। କିନ୍ତୁ ଏହାର ଗୂଢ଼ ଅର୍ଥ ଆଉ ପ୍ରକାରେ। ତାହା ହେଲା କେବଳ ପତ୍ନୀ ନୁହେଁ, ଯେଉଁ ଲୋକ ଠିକଣା ଭାବେ କାନରେ କହି ଜାଣେ ସେ ମଧ୍ୟ 'କାନକୁହା' ଶୁଣୁଥିବା ଲୋକକୁ ଅନାୟାସରେ ବଶୀଭୂତ କରିପାରେ। ଏହି କାରଣରୁ ଯୁଗେ ଯୁଗେ କାନକୁହାମାନେ ମହା ପାରିବାର ବା ମହା ଯୋଗାଡ଼ୀ ବୋଲି ସାବ୍ୟସ୍ତ ହୋଇ ଆସିଛନ୍ତି।ରାଜରାଜୁଡ଼ା ଅମଳରେ କାନକୁହାମାନଙ୍କ ଖୁବ୍ ? ପତିଆରା ଏପରି କି ପ୍ରାଦୁର୍ଭାବ ମଧ୍ୟ ଥିଲା। ଏ ନେଇ ଗପଟିଏ ଅଛି। ଜଣେ ଲୋକ ଉପରେ ଖୁସି ହୋଇ ରାଜା କହିଲେ- 'କ'ଣ ଚାହୁଁଛ କୁହ। ଯାହା ମାଗିବ, ତାହା ମିଳିବ।' ଲୋକଟି ଥିଲା ମହା ଧୂର୍ନ୍ତ। ସେ କହିଲା- 'ମଣିମା, ମୋର କିଛି ଲୋଡ଼ା ନାହିଁ। କେବଳ ଏତିକି ଇଚ୍ଛା ପୂରଣ ହେଉ ଯେ ଭରା ରାଜ-ଦରବାରରେ ମଣିମାଙ୍କ କାନରେ ଯେମିତି ମୁଁ ବେଳେ ବେଳେ ଫୁଙ୍କି ପାରେ। ଏବଂ ମୁଁ କ'ଣ କରୁଛି, ତାହା ଯେମିତି ମଣିମା କାହାକୁ ନ ଜଣାନ୍ତି !' ଏମିତି ଅଜବ ଅଥଚ ନିରୀହ ପ୍ରସ୍ତାବରେ ରାଜା ଅଗତ୍ୟା ରାଜି ହୋଇଗଲେ। ଏଣିକି ପ୍ରତି ଦିନ ସେହି ବ୍ୟକ୍ତି ଥରେ ବା ଦୁଇ ଥର ଯାଇ ରାଜାଙ୍କ କାନରେ ଆସ୍ତେ କରି ଫୁଙ୍କି ଦିଏ ଏବଂ କାନ ସଲସଲ ହେବାରୁ ରାଜା ଅନେକ ସମୟରେ ହସି ମଧ୍ୟ ଦିଅନ୍ତି। ବାସ୍ ?, ଏତିକି ?ର ଲୋକଟିର ଭାଗ୍ୟ ବଦଳି ଗଲା। ସମସ୍ତେ ଭାବିଲେ ଯେ ସେ ହେଉଛି ରାଜାଙ୍କ ଖାସ ଲୋକ। ଏଣିକି ୟା'କୁ ସନ୍ତୁଷ୍ଟ କରିବାକୁ ହେବ। ଏମିତି ଭାବେ ରାଜାଙ୍କ କାନରେ ଫୁଙ୍କିଫୁଙ୍କି ଲୋକଟି ରାଜ୍ୟର ଜଣେ ଧନୀ ଓ ପ୍ରଭାବଶାଳୀ ଲୋକରେ ପରିଣତ ହୋଇଗଲା।ଏହା ଏକ ଗପ। କିନ୍ତୁ, ଏହା ମଧ୍ୟ ସତ ଯେ ଯୁଗେଯୁଗେ ସର୍ବତ୍ର କାନକୁହାମାନେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ବେଢ଼ି ରହିଥାଆନ୍ତି, ଯେଉଁମାନଙ୍କ କାନକୁହା କଥା ଶୁଣିବାର ପ୍ରଲୋଭନକୁ ଏଡ଼ାଇଯିବା ସମ୍ଭବ ହୋଇ ନ ଥାଏ। ତେବେ, ଯାହା ବିଚିତ୍ର ଲାଗେ, ତାହା ହେଲା ଅଧିକାଂଶ ସମୟରେ କାନକୁହା ଶୁଣୁଥିବା ଲୋକମାନେ ଖୁବ୍ ? ବିଚକ୍ଷଣ, ବୁଦ୍ଧିମାନ ଏବଂ ଉଚ୍ଚ ବିଚାର ସଂପନ୍ନ ମଧ୍ୟ ହୋଇଥାଆନ୍ତି। ତେଣୁ ଏହା ପ୍ରମାଣିତ ଯେ ସଫଳ କାନକୁହାମାନଙ୍କ ଦ୍ୱାରା ଅତି ବିଚକ୍ଷଣ ଲୋକେ ମଧ୍ୟ ବ୍ୟବହୃତ ହୋଇ ପାରନ୍ତି ! ସାଧାରଣତଃ କାନକୁହାମାନେ ତୋଷାମଦ ବା ଚାଟୁକାରିତାକୁ ଏକ ଆୟୁଧ ଭାବେ ବ୍ୟବହାର କରନ୍ତି। ଜଣେ ଲୋକ ଯାହା ଶୁଣିବାକୁ ଚାହେଁ, କାନକୁହାମାନେ ତାହା ହିଁ କହନ୍ତି ଏବଂ ତା' ଜରିଆରେ ଅନ୍ତରଙ୍ଗତା ବୃଦ୍ଧି କରନ୍ତି। କିନ୍ତୁ ଅଡୁଆ କଥାଟି ହେଲା ନିଜ ସ୍ୱାର୍ଥ ସାଧନ କରିବା ଲାଗି ଏହି କାନକୁହାମାନେ ମିଛ ଚୁଗୁଲି କରି ନିଜ ପ୍ରତିପକ୍ଷ ବା ଶତ୍ରୁମାନଙ୍କ ଉପରେ ପ୍ରତିଶୋଧ ନିଅନ୍ତି। ଆପଣ ଯେ କୌଣସି ଦପ୍ତରକୁ ଯାଆନ୍ତୁ, ଏଭଳି ଉଦାହରଣମାନ ଦେଖିବାକୁ ପାଇବେ। କାନକୁହାମାନଙ୍କୁ ଲୋକେ ଚାମଚା ବୋଲି ମଧ୍ୟ ଡାକନ୍ତି। ସବୁ ପ୍ରଭାବଶାଳୀ, କ୍ଷମତାଶାଳୀ, ଧନବାନ ଏବଂ ଯଶୋବନ୍ତ ଲୋକଙ୍କ ନିକଟରେ ଥୋକେ ଚାମଚାଙ୍କୁ ଦେଖିବାକୁ ମିଳେ। ଏହି କାନକୁହାମାନେ ମୁଖ୍ୟତଃ ପାଖ ଲୋକ ଭାବେ ଜଣାଶୁଣା। ଅନେକ ଲୋକ ସେଥି ଲାଗି କାନକୁହାମାନଙ୍କୁ ତୁଷ୍ଟ କରି ନିଜ କାମ ହାସଲ କରି ନେବାକୁ ଚାହିଁଥାଆନ୍ତି। ସେଥି ଲାଗି କୁହାଯାଇଥାଏ ଯେ ମହାଦେବଙ୍କ ଦର୍ଶନ ନ ମିଳିଲେ ନାହିଁ, ବୃଷଭଙ୍କ ଦର୍ଶନ ମିଳିଲା। ବୃଷଭ ତୁଷ୍ଟ ହେଲେ ମହାଦେବ ବି ସନ୍ତୁଷ୍ଟ ହେବେ। କିନ୍ତୁ ଅନେକ ସମୟରେ କାନକୁହାମାନେ ଅତି ଧୂର୍ତ ଠକ ମଧ୍ୟ ?ହୋଇଥାଆନ୍ତି, ଯେଉଁମାନେ କୌଣସି କାମ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଟଙ୍କା ବା ଉପଢ଼େ ?କନ ଆଦି ତ ନେଇଯାଆନ୍ତି, କିନ୍ତୁ କାମ କରନ୍ତି ନାହିଁ। ଆମ ସରକାରୀ ତନ୍ତ୍ରରେ କାମ କରୁଥିବା ଲୋକେ ଏହାର ଭୁରିଭୁରି ପ୍ରମାଣ ପାଇଥିବେ। ତେଣୁ ବିଜ୍ଞ ଜନେ କହନ୍ତି ଯେ କାନକୁହାମାନଙ୍କ ଜାଲରେ ପଡ଼ିବା ପୂର୍ବରୁ ଦୁଇ ଥର ଚିନ୍ତା କର। କାନକୁହାମାନଙ୍କ କଥା ପଡ଼ିଲେ ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀର ଗ୍ରିକ୍ ଦାର୍ଶନିକ ସକ୍ରେଟିସଙ୍କ କଥାଟି ମନେ ପଡ଼େ। ତାଙ୍କ ପାଖରେ ଥରେ ଜଣେ କାନକୁହା ଜୁଟିଲା। ସକ୍ରେଟିସଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ କିଭଳି ସକ୍ରେଟିସଙ୍କ ନାମରେ ଅପପ୍ରଚାର କରୁଛନ୍ତି, ସେ କଥା କାନକୁହା ଜଣକ ତାଙ୍କୁ ଜଣାଇବାକୁ ଇଚ୍ଛା କରି ଆସିଥିଲା। ତା'ର ଉଦ୍ଦେଶ୍ୟ ଥିଲା ଏଭଳି କରି ସେ ସକ୍ରେଟିସଙ୍କ ପ୍ରିୟପାତ୍ର ହେବ। ସକ୍ରେଟିସ ତା' କଥା ? ଶୁଣିବା ପୂର୍ବରୁ ତିନିଟି ପ୍ରଶ୍ନ ପଚାରିଲେ;

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, PH:0661-769003




## ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ ପାଳିତ

# ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ : ବିଧାୟକ





ରାଉରକେଲା, ୫/୩ (ନି/ପ୍ର) :ଆଜି ରଘୁନାଥପାଲ୍ଲୀ ବିଜୁ ଜନତା ଦଳ ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ସେକ୍ଟର-୨ ସ୍ଥିତ ବିଜୁ ବାବୁଙ୍କ ପ୍ରତିମାରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ମାଲ୍ୟାର୍ପଣ କରିଥିଲେ ।ଏହି ଅବସରରେ ଏକ ସଭ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେ କହିଥିଲେ ଯେ, ବିଜୁ ବାବୁ ସବୁବେଳେ ଓଡ଼ିଶା ଓ ଓଡ଼ିଆଙ୍କ କଥା ଚିନ୍ତା କରୁଥିଲେ । ମୁଖ୍ୟତଃ ଗ୍ରାମାଂଚଳର ବିକାଶ ଓ ନାରୀଶକ୍ତିକରଣ ଉପରେ ସେ ସର୍ବଦା ଗୁରୁତ୍ୱ ଦେଇ ଆସିଥିଲେ । ଆବଶ୍ୟ ଓଡ଼ିଶାକୁ ଶିକ୍ଷ ସମୃଦ୍ଧ କରିବା , ଓଡ଼ିଶାରେ କୃଷି ଓ କୃଷକର ଉନ୍ନତି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଲୋକଙ୍କ ବିକାଶ , ଓଡ଼ିଶାର ପିଲାମାନେ କିପରି ବିଭିନ୍ନ କ୍ଷେତ୍ରରେ ଦେଶ ଓ ବିଦେଶରେ ଖ୍ୟାତି ଅର୍ଜନ କରିପାରିବେ , ଓଡ଼ିଶାର ମହିଳାମାନେ କିପରି ଆର୍ଥିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତ ହୋଇପାରିବେ ସେ କଥା ଚିନ୍ତା କରୁଥିଲେ । ଏହି ଦିଗ ପ୍ରତି ମଧ୍ୟ ସହାୟତା କରୁଥିଲେ । ତେଣୁ ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ ବୋଲି ବିଧାୟକ ଦାବି କରିଥିଲେ । ବିଜୁ ବାବୁଙ୍କ ନେତୃତ୍ୱରେ ସରକାର ଗଠନ ଦିନରୁ ଆଜି ପର୍ଯ୍ୟନ୍ତ ସବୁ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହୋଇଛି । ତା ହା ଅନ୍ୟ କୌଣସି ରାଜ୍ୟରେ ହୋଇପାରି ନାହିଁ । ଆଜି ଏହି କାର୍ଯ୍ୟକ୍ରମରେ ବିଜେଡ଼ିର ବରିଷ୍ଠ ନେତା ସୁଧିର ସୁନ୍ଦର ରାୟ, ଆର୍ତ୍ତ ମହାରଣା, ସତ୍ୟାନନ୍ଦ ବେହେରା, ମହିଳା ନେତ୍ରୀ ଇନ୍ଦିରା ନାୟକ, ମିନତୀ ବିଶ୍ୱାଳ, ବଂଶୀଧର ପରିଡ଼ା, ମିହିର ରାୟ, ଜ୍ୟୋତି ରଂଜନ ମହାନ୍ତି, ସରୋଜ ପ୍ରଧାନ, ଗାୟତ୍ରୀ ରାଉତ, ଜ୍ୟୋତି ଦାସ, ଆଶାମଣି ଦାସ, ସୁଭଦ୍ରା ପ୍ରଧାନ, ବିଭୁ ଲତା ମହାନ୍ତି, ଯଶବାଲ କୌର, ପ୍ରହଲ୍ଲାଦ ନାୟକ, ଗୌତମ ବଡ଼ା ସମେତ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ଏହା ପରେ ଜଗଦା ସିଡ଼ବ୍ଲୁସି ହସ୍ପିଟାଲରେ ରୋଗୀଙ୍କ ମଧ୍ୟରେ ଫଳ ବଟଂନ, ଫର୍ଟିଲାଇଜରରେ ଏକ ସାଧାରଣ ସଭାର ଆୟୋଜିତ ହୋଇଥିଲା ।

# ଅନନ୍ୟା ଉନ୍ମୋଚନ ଓ ଉତ୍କର୍ଷତା ସମ୍ମାନ



ରାଉରକେଲା, ୫/୩ (ନି/ପ୍ର) :ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ବାର୍ଷିକ ପତ୍ରିକା 'ଅନନ୍ୟା'ର ଉନ୍ମୋଚନ ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ କାର୍ଯ୍ୟକ୍ରମ ପରିଚାଳନା ସମିତିର ସଭାପତି ଡଃ ଦାଭିନ୍ଦର କୌରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଶ୍ରମକମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଲକ୍ଷ୍ୟ ସ୍ଥିର କରି, ତା'ର ପୂର୍ତ୍ତି ପାଇଁ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଭିତିଭୂମି ଓ ଶୈକ୍ଷିକ ବିକାଶ ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳା ଓ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିପାରିବେ ବୋଲି କହିଥିଲେ । ଏକାଗ୍ରତା ଓ ସରଳତା ବିଦ୍ୟାର୍ଥୀକୁ ସଫଳତାର ସ୍ୱାଦ ଦେଇଥାଏ ବୋଲି ଡଃ କୌର ଅଧକ୍ଷୀୟ ଅଭିଭାଷଣରେ କହିଲେ । ଅଧକ୍ଷ ଡ଼ଃ ସନାତନ ପ୍ରଧାନ କହିଲେ ଯେ ଶିକ୍ଷାଳୟ ହେଉଛି ଜୀବନ ବିକାଶ ମନ୍ଦିର, ଓ ଏହାର ପବିତ୍ରତା ରକ୍ଷା କରି , ଉନ୍ନମ ଶିକ୍ଷା ପାଇଁ କାର୍ଯ୍ୟ କରିବା ଏକ ଐଶ୍ୱରୀୟ କାର୍ଯ୍ୟ । ସଂଯୋଜକ ଦୀପ୍ତି ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପିକ ଚନ୍ଦ୍ରଲେଖା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଯୁକ୍ତ ଦୁଇ ଓ ତିନିର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ, ବିବିଏ, ବାଣିଜ୍ୟ ସ୍ନାତକୋନ୍ନର, ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ସଂସ୍ଥା ଓ ଖେଳ କୁଦରେ ଉତ୍କର୍ଷତା ହାସଲ କରି ଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ଡଃ ଦିବ୍ୟକାନ୍ତି ବିଲୁଙ୍ଗ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନଙ୍କ

# ଆରଏସପିରେ କେନ୍ଦ୍ରୀକୃତ ମେକାନିକାଲ ରକ୍ଷଣାବେକ୍ଷଣ ଅଚଂଳ ଦ୍ୱାରା ଆୟୋଜିତ ସଡ଼କ ସୁରକ୍ଷା ଅଭିଯାନ ରେ ୪୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଙ୍କ ଅଂଶ ଗ୍ରହଣ





ରାଉରକେଲା, ୫/୩:ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର କେନ୍ଦ୍ରୀକୃତ ମେକାନିକାଲ ରକ୍ଷଣାବେକ୍ଷଣ ଅଂଚଳ ଅଧିନସ୍ଥ ବିଭାଗଗୁଡିକ ଦ୍ୱାରା ଫେବୃଆରୀ ୨୩ ତାରିଖ ଦିନ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ବିଭାଗର ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକଙ୍କ ସମେତ ୪୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ଏହି ଅଭିଯାନ ଟି ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସହଭାଗିତାରେ ଆୟୋଜିତ ହୋଇଥିଲା । ସଡକ ସୁରକ୍ଷା ନିୟମ ପାଳନ ଉପଲକ୍ଷେ ପ୍ରଶାସନିକ ଭବନ ଗେଟ ଠାରୁ ଇଡ଼ି ୱାର୍କ୍ସ ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ପ୍ରସ୍ତୁତ କରାଯାଇଥିଲା । ମେକାନିକାଲ ବିଭାଗର ସି ଜି ଏମ ଶ୍ରୀ ଆର ଏନ ରାଜେନ୍ଦ୍ରନ ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ଡିଜାଇନ ଓ ସସ୍ପ ବିଭାଗର ସିଜିଏମ ଶ୍ରୀ ରବି ରଞ୍ଜନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସୁରକ୍ଷିତ ଗାଡି ଚାଳନାର ତିନିଟି ମୁଖ୍ୟ ପ୍ରସଙ୍ଗ ଗତି ସୀମା, ରେଡ ଲାଇଟ୍ ଉଲଂଘନ ରୋକିବା, ଓଭର ଟେକ ନକରିବା ଉପରେ ଅଭିଯାନରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଉକ୍ତ ଅଭିଯାନରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ସଡକ ସୁରକ୍ଷା ଉପରେ ଆଧାରିତ ବିଭିନ୍ନ ସୁରକ୍ଷା ବାର୍ତ୍ତା ଯଥା କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସହିତ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର, ଗାଡି ଚାଳନା ବେଳେ ସେଲ୍ ଫୋନ୍ ବ୍ୟବହାର ନକରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ, ସୁରକ୍ଷିତ ଡ୍ରାଇଭିଂ ଟିପ୍ସ, କାରଖାନା ମଧ୍ୟରେ ନିୟନ୍ତ୍ରିତ ବେଗରେ ଗାଡି ଚାଳନା, ସମ୍ବନ୍ଧୀୟ ପ୍ଲାକାର୍ଡ ପ୍ରଦର୍ଶନ ସହିତ ସଡ଼କ ସୁରକ୍ଷା ପାମ୍ପ ଲେଟ ବିତରଣ କରିଥିଲେ । କର୍ମଚାରୀ ଓ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହ ସତର୍କତା ସହକାରେ କାରଖାନା ମଧ୍ୟରେ ଗାଡି ଚାଳନା କରିବା ନିମନ୍ତେ ପ୍ରବର୍ତ୍ତାଇବା ଏହି ନିୟମିତ ବ୍ୟବଧାନରେ ଅନୁଷ୍ଠିତ ସଡ଼କ ସୁରକ୍ଷା ଅଭିଯାନ ର ଲକ୍ଷ୍ୟ ରହିଛି । ଏଭଳି ଅଭିଯାନ ମାଧ୍ୟମରେ ସୁରକ୍ଷା ସଂସ୍କୃତିର ପ୍ରବର୍ତନ ଓ ଦାୟିତ୍ୱବୋଧତା ସୃଷ୍ଟି ତଥା ସଡ଼କ ସୁରକ୍ଷା ଅନୁପାଳନ ପାଇଁ ପ୍ରୟାସ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଏଫଏମଏମ ବିଭାଗର ଏଜିଏମ ଶ୍ରୀ ସୁନୀଲ କୁମାର, ଆରଏସଏମ ବିଭାଗର ଏଜିଏମ ଶ୍ରୀ ଆଲୋକ ରଞ୍ଜନ

# ୬ ଦିନରୁ ଚାଷୀ ନିଖୋଜ : ଏସପିଙ୍କୁ ଭେଟିଲେ ବିଧାୟକ



ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ସହ ଗ୍ରାମୀଣ

ରାଉରକେଲା, ୫/୩ (ନି/ପ୍ର) :ଛଅ ଦିନ ହେଲା ନିଖୋଜ ଚାଷୀ ମଙ୍ଗଳ ଓରାମଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ । ଏ ବାବଦରେ ପରିବାର ପକ୍ଷରୁ ଝିରିପାଣି ଥାନାରେ ଏତେଲା ଦିଆଯାଇଛି । ପୋଲିସ ତଦନ୍ତ ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ମଙ୍ଗଳ ମିଳି ନଥିବାରୁ ପରିବାର ଲୋକେ ଚିନ୍ତାରେ ଅଛନ୍ତି । ଗତ ଫେବୃଆରୀ ୨୯ ତାରିଖରେ ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ପଚାଂୟତର ଚାଷୀ ମଙ୍ଗଳ ଓରାମ ପରିବା ନେଇ ନିଜ ବୋଲେରୋ ଭ୍ୟାନ ରେ ରାଉରକେଲା ଝିରିପାଣି ବାହାରିଥିଲେ । ସେହି ଦିନ ଠାରୁ ତାଙ୍କର କିମ୍ବା ତାଙ୍କ ଭ୍ୟାନ ର କୌଣସି ପତା ମିଳୁନାହିଁ । ତାଙ୍କ ମୋବାଇଲ ଫୋନ ଶେଷ ଥର ପାଇଁ ବେଦବ୍ୟାସରେ ବନ୍ଦ ହୋଇଥିବା ଜଣା ପଡ଼ିଛି । ଏତେ ଦିନ ହେଲା ପୋଲିସ ମଙ୍ଗଳଙ୍କ ଖୋଜ ଖବର ପାଉ ନଥିବାରୁ ଆଜି ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଉରକେଲା ଏସପିଙ୍କ କାର୍ଯ୍ୟାଳୟ ଆସିଥିଲେ । ସାଙ୍ଗରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ମଧ୍ୟ ଥିଲେ । ଶୀଘ୍ର ମଙ୍ଗଳ ଓରାମଙ୍କୁ ଖୋଜି ବାହାର କରିବାକୁ ବିଧାୟକଙ୍କ ସମେତ ପରିବାର ଲୋକେ ଏସପି ଙ୍କୁ ନିବେଦନ କରିଛନ୍ତି ।

# ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ କ୍ୟାରମ ଟୁର୍ଣ୍ଣାମେଂଟ



ରାଉରକେଲା, ୫/୩ (ନି/ପ୍ର): ସେକ୍ଟର-୨୦ ହିଲଟପ୍ ମାର୍କେଟ ସ୍ଥିତ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ ଦିନିଆ କ୍ୟାରମ ଟୁର୍ଣ୍ଣାମେଂଟ ଗତ ୩ ତାରିଖ ଦିନ ଉଦଯାପିତ ହୋଇଯାଇଛି । ରାଉରକେଲା, ବଣାଇଁ, ରାଜଗାଙ୍ଗପୁର ଅଂଚଳରୁ ପ୍ରାୟ ୫୦ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟ, ହରିହର ଦାସ ଏବଂ ଅଭିରାମ ମହାନ୍ତି ପ୍ରମୁଖ ଟୁର୍ଣ୍ଣାମେଂଟରେ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଂଟର ବିଜେତା ଭାବେ ସେକ୍ଟର-୫ ର ସୁଦାମ ଓ ରଫିକ୍ ଯୋଡ଼ିକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପ-ବିଜେତା ଭାବେ ସେକ୍ଟର-୨୦ ହିଲଟପ୍ ମାର୍କେଟ ସ୍ଥିତ ଜୟ ଜଗନ୍ନାଥ କ୍ଲବର ଟୁଟୁ ଓ ରତି ଯୋଡ଼ିକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଟୁର୍ଣ୍ଣାମେଂଟ ପରିଚାଳନାରେ ନିହାର, ଦୀପୁ, ଟୁଲୁ, ଅଶୋକ, ରବି, ଛୋଟୁ, ଅରୁ, ଦେବୀ, ଅନିରୁଦ୍ଧ ପ୍ରମୁଖ ସହଯୋଗ କରିଥିଲେ ।

# ଆରଏମ୍‌ସି ଓ ପଚାଂୟତରେ ସାମିଲ କଲାନି ପ୍ରଶାସନ :

## ୪୦ ହଜାର ମତଦାତାଙ୍କ ଭୋଟବର୍ଜନ ଧମକ



ରାଉରକେଲା, ୫/୩ (ନି/ପ୍ର): ପ୍ରତି ନିର୍ବାଚନରେ ଭୋଟ ଦେଇ ନିର୍ବାଚିତ ପ୍ରତିନିଧିଙ୍କୁ ବିଜୟୀ କରାଉଛନ୍ତି । ବିଜୟୀ ପରେ ନିର୍ବାଚିତ ପ୍ରତିନିଧି ଏମାନଙ୍କ ଦୁଃଖକୁ ପାସୋରି ଯାଉଛନ୍ତି । ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଓ ପଚାଂୟତରେ ସାମିଲ ହୋଇ ନଥିବାରୁ ବର୍ଷ ବର୍ଷ ଧରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନାର ସୁଫଳ ଏମାନଙ୍କୁ ମିଳୁନି । ଦୀଘଦିନର ଦାବି ପରେ ତତ୍କାଳୀନ ଜିଲ୍ଲାପାଳ ସୁରେନ୍ଦ୍ର ମୀନା ରାଜ୍ୟ ପଚାଂୟତରାଜ ବିଭାକୁ ଏ ସମ୍ପର୍କରେ ଚିଠି ଲେଖିଥିଲେ । ହେଲେ ତାହା କେବଳ ଚିଠିରେ ରହିଯାଇଛି । ତତ୍କାଳୀନ ଜିଲ୍ଲାପାଳ ସୁରେନ୍ଦ୍ର ମୀନାଙ୍କ ପରେ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ରାଉରକେଲା ଏଡିଏମ୍ ଭାବେ ଅନେକ ଆଇଏସ୍ ଅଧିକାରୀ ଆସିଛନ୍ତି । ବଦଳି ହୋଇ ଅନ୍ୟତ୍ର ଯାଇଛନ୍ତି । କିନ୍ତୁ ଏମାନଙ୍କ ସମସ୍ୟା ସେମିତିକୁ ସେମିତି ରହିଯାଇଛନ୍ତି । ଜିଲ୍ଲା ପ୍ରଶାସନର ଏଭଳି ଅବହେଳା ପ୍ରତିବାଦରେ ଆରଏମ୍‌ସି ଓ ପଚାଂୟତର ସାମିଲ ହୋଇ ନଥିବା ପ୍ରାୟ ୪୦ ହଜାରରୁ ଅଧିକ ମତଦାତା ଏକାଠି ହୋଇଛନ୍ତି । ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବାକୁ ଧମକ ଦେଇଛନ୍ତି । କେବଳ ଏତିକି ନୁହେଁ ବସ୍ତି ମୁହାଁ ହେଉଥିବା ରାଜନୈତିକ ଦଳର ନେତାଙ୍କୁ ଏକାଠି ହୋଇ ପ୍ରତିବାଦ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି । ବନ୍ଧମୁଣ୍ଡା ତିଲିକାନଗର, ଶୀତଳନଗର, ଚମ୍ପାଗଡ଼, ଉନ୍ନମ ବସ୍ତିବାସୀଙ୍କ ପାଇଁ ସଂଘର୍ଷ କରୁଥିବା ଆଇ ରାଜା ରମେଶ କହିଛନ୍ତି, ଆମ ଦୁଃଖ ନ ଶୁଣିଲେ ଭୋଟ ବର୍ଜନ କରିବୁ । ଟାଙ୍ଗରପାଲି, ଝାରମୁଣ୍ଡା, ତୁମକେଲା, ଲୁଆକେରା ବସ୍ତିର ନେତୃତ୍ୱ ନେଉଥିବା ଲଛୁ ଓରାମ, ସୋନୁବଡ଼ାଇକ, ମାଙ୍ଗ୍ରା ଓରାମ ସେହି ସମାନ କଥା କହିଛନ୍ତି । ଯାହା ଆସନ୍ତା ନିର୍ବାଚନରେ ଜିଲ୍ଲା ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ । ସୂଚନାଯୋଗ୍ୟ, ରାଉରକେଲା ତହସିଲ ଅଧୀନସ୍ଥ ଲୁଆକେରା, ତୁମକେଲା, ହମିରପୁର, ଟାଙ୍ଗରପାଲି, ଝାରମୁଣ୍ଡା, ରେଙ୍ଗାଡ଼ି, ଲୋକବରକନୀ ଆଦି ଅଚଂଳ କୌଣସି ପଚାଂୟତ କିମ୍ବା ଆରଏମ୍‌ସି ଅଧୀନରେ ନାହିଁ । ଏ ସମ୍ପର୍କରେ ବିଧାନସଭାରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରଶ୍ନ କରିଥିଲେ । ଉତରରେ ପଚାଂୟତରାଜ ମନ୍ତ୍ରୀ ବିଧାନସଭାରେ ଯେଉଁ ଉନ୍ନର ରଖିଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ମନ୍ତ୍ରୀ ତାଙ୍କ ଉନ୍ନରରେ କହିଥିଲେ, ଲୁଆକେରା, ତୁମେକଲା, ହମିରପୁର, ଟାଙ୍ଗରପାଲି, ଝାରମୁଣ୍ଡା, ରେଙ୍ଗାଡି, ଲୋକବରକାନୀ ଆଦି ଗାଁ ପଚାଂୟତ କିମ୍ବା ମ୍ୟୁନିସିପାଲିଟି କାହା ଅଧୀନରେ ନ ଆସିବା କଥା ସରକାରଙ୍କ ଦୃଷ୍ଟିକୁ ଆସିନାହିଁ ।